## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୨୫।୩।୨୦୨୨

| | |
|---|---|
| ୪,୧୮,୧୫୬ ଟଙ୍କା | |
| ସୁନା | ୪.୪୦୦ ଗ୍ରାମ |
| ରୁପା | ୭୯.୪୦୦ ଗ୍ରାମ |

## ଆଜି କ'ଣ କେଉଁଠି

ଭୁବନେଶ୍ୱର

- ଭୁବନେଶ୍ୱର ସାହିତ୍ୟ ସମାଜ ଟ୍ରଷ୍ଟ ପକ୍ଷରୁ ଭୁବନେଶ୍ୱର ସାହିତ୍ୟ ପର୍ବ, ସୂଚନା ଭବନ, ପୂର୍ବାହ୍ନ ୧୦ଟା।
- ଶ୍ରୀଜଗନ୍ନାଥ ରିସର୍ଚ୍ଚ ଇନଷ୍ଟିଚ୍ୟୁଟ ପକ୍ଷରୁ ଶ୍ରୀଜଗନ୍ନାଥ ସମ୍ବନ୍ଧୀୟ ଜାତୀୟ ସେମିନାର, ଓଡ଼ିଆ ବିଭାଗ, ଉତ୍କଳ ବିଶ୍ୱବିଦ୍ୟାଳୟ, ପୂର୍ବାହ୍ନ ୧୦ଟା।
- ମୋକ୍ଷ ସଂଗଠନ ପକ୍ଷରୁ ୯ମ ଅଭିଳାଷା, ଏକାମ୍ର ହାଟ, ସନ୍ଧ୍ୟା ୬ଟା।
- ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ବିଶ୍ୱ ନାଟ୍ୟ ଦିବସ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା ୩୦।

କଟକ

- କଳ୍ପନା ସାହିତ୍ୟ, ସାଂସ୍କୃତିକ ଓ ସାମାଜିକ ପରିଷଦ ପକ୍ଷରୁ ରାଜ୍ୟସ୍ତରୀୟ ପ୍ରତିଭା ସମ୍ମାନ ସମାରୋହ, ଶ୍ରୀରାମଚନ୍ଦ୍ର ଭବନ, ସକାଳ ୯ଟା ।
- ଶ୍ରଦ୍ଧାଞ୍ଜଳି ନାଟ୍ୟ ସଂସ୍ଥା ପକ୍ଷରୁ ମଞ୍ଚସ୍ଥ ହେବ ନାଟକ 'ଟଙ୍କା', କଳା ବିକାଶ କେନ୍ଦ୍ର ପ୍ରେକ୍ଷାଳୟ, ସନ୍ଧ୍ୟା ୬ଟା ।
- ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ନାଟ୍ୟକାର ବ୍ୟୋମକେଶ ତ୍ରିପାଠୀଙ୍କ ତୈଳଚିତ୍ର ଉନ୍ମୋଚନ ଉତ୍ସବ, ଶ୍ରୀରାମଚନ୍ଦ୍ର ଭବନ, ସନ୍ଧ୍ୟା ୬ଟା ।

# ପୋଲିସ ହାତରେ ଆର୍‌ଟିଓ ରିପୋର୍ଟ

ଖୋର୍ଦ୍ଧା ଅଫିସ,୨୫।୩

ବାଣପୁର ବ୍ଲକ ସମ୍ମୁଖରେ ପୋଲିସ କର୍ମଚାରୀ ଓ ଲୋକଙ୍କ ଉପରକୁ ଗାଡ଼ି ମଡ଼ାଇଦେବା ଘଟଣାରେ ଗିରଫ ହୋଇ ଜେଲରେ ଥିବା ଚିଲିକା ବିଧାୟକ ପ୍ରଶାନ୍ତ ଜଗଦେବଙ୍କ ପାଇଁ ଅଡୁଆ ବଢ଼ିବାରେ ଲାଗିଛି। ଘଟଣା ଦିନ ବିଧାୟକ ଯେଉଁ କାର୍ ଡ୍ରାଇଭିଂ କରି ଲୋକଙ୍କୁ ମଡ଼ାଇଦେଇଥିଲେ ସେଥିରେ ୨ଟି ଭିନ୍ନ ନମ୍ବର ପ୍ଲେଟ ଲାଗିଥିବା ନେଇ ଗଣମାଧ୍ୟମରେ ଚର୍ଚ୍ଚା ହେବା ପରେ ବାଣପୁର ପୋଲିସ ଆର୍‌ଟିଓଙ୍କୁ ରିପୋର୍ଟ ମାଗିଥିଲା। ଭୁବନେଶ୍ୱର ଆରଟିଓ-୧ ପକ୍ଷରୁ ଏମ୍‌ଭିଆଇ ବାଣପୁର ଥାନା ଆସି ଯାଞ୍ଚ କରି ଫେରିଥିଲେ। ଶୁକ୍ରବାର ଆର୍‌ଟିଓଙ୍କ ରିପୋର୍ଟ ପୋଲିସର ହସ୍ତଗତ ହୋଇଛି। ଶନିବାର ପୌର ନିର୍ବାଚନ ଭୋଟଗଣତି ରହିଥିବାରୁ ରବିବାର ଏହି ଘଟଣାର ସବିଶେଷ ତଥ୍ୟ ପ୍ରମାଣ ସାର୍ବଜନୀନ କରାଯିବ ବୋଲି ବାଲୁଗାଁ ଏସ୍‌ଡିପିଓ ମାନସ ରଞ୍ଜନ ବାରିକ ସୂଚନା ଦେଇଛନ୍ତି। ତେବେ ରିପୋର୍ଟକୁ ନେଇ ସବୁଠି ଉତ୍କଣ୍ଠା ଲାଗି ରହିଛି।

### ବିଧାୟକଙ୍କ କାର୍‌ରେ ୨ ନମ୍ବର ପ୍ଲେଟ ଘଟଣା

- ଜେରାର ସମ୍ମୁଖୀନ ହେବେ ଦୁଇ କାର୍ ମାଲିକ
- ଭଙ୍ଗାରୁଜା ବେଳେ ଖସିପଡ଼ିଥିଲା ଅସଲି ନମ୍ବର






ଗତ ୧୨ତାରିଖରେ ବାଣପୁର ପଞ୍ଚାୟତ ସମିତି ଅଧ୍ୟକ୍ଷ ନିର୍ବାଚନ ଚାଲିଥିବା ବେଳେ ବିଧାୟକ ଜଗଦେବ ଲ୍ୟାଣ୍ଡ ରୋଭର ଡିସ୍‌କଭରି କାରରେ ଦୁଇ ନମ୍ବର ପ୍ଲେଟ ଲଗାଇ ଆସିଥିଲେ। ଉପରଟି ଅସଲି ନମ୍ବର (ଓଡି୨୫-କେ-୫୭୭୫) ରହିଥିବାବେଳେ ତଳେ ଥିଲା ନକଲି ନମ୍ବର(ଓଡି୦୨-ଏୱାଇ-୫୭୭୫)। ଲୋକ ଓ ପୋଲିସଙ୍କ ଉପରକୁ ଗାଡ଼ି ମଡ଼ାଇବା ପରେ ଜଗଦେବ ରୋଷର ଶିକାର ହୋଇଥିଲେ। ଉତ୍ୟକ୍ତ ଲୋକେ ତାଙ୍କ କାରକୁ ଭଙ୍ଗାରୁଜା ସମୟରେ ଅସଲି ନମ୍ବର ପ୍ଲେଟ ଖସିଯାଇଥିବା ବେଳେ କାର ଆଗରେ ଲାଗିଥିବା ନମ୍ବର ଓଡି୦୨-ଏୱାଇ-୫୭୭୫ ଦେଖାଯାଉଥିବା ସେହି ସମୟରେ ହସ୍ତଗତ ହୋଇଥିବା ସିସିଟିଭି ଫୁଟେଜରେ କଏଦ ହୋଇଛି। ଜଗଦେବ ବ୍ୟବହାର କରୁଥିବା ଲ୍ୟାଣ୍ଡ ରୋଭର ଡିସ୍‌କଭରି ଗାଡ଼ି(ଓଡି୨୫-କେ-୫୭୭୫) ନୟାଗଡ଼ ଅଞ୍ଚଳର ଠିକାଦାର କୁମାର ଦେବଦତ୍ତଙ୍କ ନାମରେ ରହିଛି। ହେଲେ ବାଣପୁର ଏସ୍‌ଆଇ ଦେବସ୍ମିତା ବେହେରା ଦେଇଥିବା ଏତଲାରେ ବିଧାୟକ ଘଟଣା ସମୟରେ ଓଡି୦୨-ଏୱାଇ-୫୭୭୫ ନମ୍ବର ବିଶିଷ୍ଟ କାର୍ ଚଳାଉଥିଲେ ବୋଲି ଦର୍ଶାଇଛନ୍ତି, ଯାହାକି ଏକ ହ୍ୟୁଣ୍ଡାଇ କ୍ରେଟା କାରର ନମ୍ବର। ଉକ୍ତ କ୍ରେଟା କାରଟି ନୟାଗଡ ଜିଲା ସୁନାଖଳାର ଶିବାନୀ ଫୁଡ୍ସ ପ୍ରଡକ୍ଟ କମ୍ପାନୀ ମାଲିକଙ୍କ ନାମରେ ରହିଥିବା ଜଣାପଡ଼ିଛି। ଘଟଣା ଦିନ ଏତଲାରେ ଦିଆଯାଇଥିବା ନମ୍ବର ଏକ କ୍ରେଟା କାରର ବୋଲି ଜଣାପଡିବା ପରେ ବିଧାୟକଙ୍କ ବିରୋଧରେ ଜାଲିଆତି ମାମଲା ରୁଜୁ କରାଯାଇଛି ବୋଲି ଏସ୍‌ପି ଅଲେଖ ଚନ୍ଦ୍ର ପହି କହିଛନ୍ତି। ତେବେ ବିଧାୟକ କାହିଁକି ଦୁଇଟି ନମ୍ବର ପ୍ଲେଟ ବ୍ୟବହାର କରୁଥିଲେ, ତାହାକୁ ନେଇ ଚର୍ଚ୍ଚା ଜୋର ଧରିଛି। ଅନ୍ୟପଟେ ଘଟଣା ପରଦିନ ଅର୍ଥାତ ୧୩ ତାରିଖରୁ ପୋଲିସ ନିକଟରେ ଏନେଇ ଖବର ରହିଥିବା ସତ୍ତ୍ୱେ ମାମଲାକୁ ଦୁର୍ବଳ କରିବା ପାଇଁ ପୋଲିସର ଏହା କୌଣସି ଚାଲ ନୁହେଁ ତ ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପୋଲିସ ତଦନ୍ତ ପ୍ରକ୍ରିୟାକୁ ନେଇ ସାଧାରଣରେ ସନ୍ଦେହ ସୃଷ୍ଟି ହୋଇଛି। ତେବେ ଏସ୍‌ପି ପହି ଏହି ଅଭିଯୋଗକୁ ଖଣ୍ଡନ କରିଛନ୍ତି। ଆରଟିଓଙ୍କୁ ଏନେଇ ରିପୋର୍ଟ ମଗାଯାଇଥିଲା। ରିପୋର୍ଟ ଆସିବାରେ ବିଳମ୍ବ ଘଟିଥିଲା। ତେଣୁ ଅସଲି ଓ ନକଲି ନମ୍ବରକୁ ନେଇ ଦ୍ୱନ୍ଦ୍ୱ ରହିଥିଲା। ଯାହାକି ରିପୋର୍ଟ ପରେ ସ୍ପଷ୍ଟ ହୋଇଛି। ଆବଶ୍ୟକ ପଡିଲେ ଉଭୟ କାର୍ ମାଲିକଙ୍କୁ ଜେରା କରାଯିବ ବୋଲି ତଦନ୍ତ ଅଧିକାରୀ ଏସ୍‌ଡିପିଓ ବାରିକ ସୂଚନା ଦେଇଛନ୍ତି।




ସିଟି, ବିଏଡ୍ ଛାତ୍ରୀଛାତ୍ରଙ୍କୁ ତୁରନ୍ତ ନିଯୁକ୍ତି ସହ ୪ ଦଫା ଦାବି ନେଇ କନିଷ୍ଠ ଶିକ୍ଷକ ଆଶାୟୀ ସଂଘ ପକ୍ଷରୁ ଶୁକ୍ରବାର ଭୁବନେଶ୍ୱର ଲୋୟର ପିଏମ୍‌ଜି ଧାରଣାସ୍ଥଳରେ ବିକ୍ଷୋଭ ପ୍ରଦର୍ଶନ।

## ଟ୍ରେନ ଅଟକାଇ ଯୁବକଙ୍କ ଜୀବନ ବଞ୍ଚାଇଲେ ଚାଳକ

ଭୁବନେଶ୍ୱର,୨୫।୩(ବ୍ୟୁରୋ)

ରେଳ ଧାରଣାରେ ଶୋଇ ଆତ୍ମହତ୍ୟା ଉଦ୍ୟମ କରୁଥିବା ଜଣେ ଯୁବକଙ୍କ ଜୀବନ ବଞ୍ଚାଇଛନ୍ତି ଟ୍ରେନ୍ ଚାଳକ। ଭୁବନେଶ୍ୱରରେ ଏଭଳି ଘଟଣା ଘଟିଥିବାବେଳେ ସମ୍ପୃକ୍ତ ଚାଳକଙ୍କୁ ବିଭିନ୍ନ ଆଡୁ ପ୍ରଶଂସାର ସୁଅ ଛୁଟୁଛି। ଆତ୍ମହତ୍ୟା ଉଦ୍ୟମ କରୁଥିବା ଯୁବକ ହେଲେ ପୁରୀ ଜିଲାର ବିଜୟ କୁମାର ମିଶ୍ର (୩୪)। ବିଜୟ, ତାଙ୍କ ସ୍ତ୍ରୀ ଓ ୩ ବର୍ଷର ଝିଅଙ୍କ ସହ ଭୁବନେଶ୍ୱର ରଙ୍ଗମାଟିଆରେ ରୁହନ୍ତି। ଶୁକ୍ରାବର କୌଣସି କାରଣକୁ ନେଇ ସ୍ୱାମୀ ଓ ସ୍ତ୍ରୀଙ୍କ ମଧ୍ୟରେ ଝଗଡା ହୋଇଥିଲା। ଭିଣୋଇ ଜଣେ ବ୍ୟକ୍ତିଙ୍କ ସହ ତାଙ୍କ ଘରେ ପହଞ୍ଚି ବିଜୟଙ୍କୁ ମାଡ ମାରିଥିଲେ। ଫଳରେ ସେ ରାଗିଯାଇ ଘରୁ ଚାଲି ଆସିଥିଲେ। ଅପରାହ୍ନ ପ୍ରାୟ ୨ଟାବେଳେ ସେ ଭିଏସ୍‌ଏସ୍ ନଗରସ୍ଥିତ ଲେଭଲ କ୍ରସିଂ ନିକଟରେ ରେଳ ଧାରଣାରେ ଶୋଇ ପଡିଥବଲେ। ଏହି ସମୟରେ ଏକ ମାଲବୁହା ଟ୍ରେନ୍ ଆସୁଥିଲା। ସ୍ଥାନୀୟ ଲୋକେ ଚିତ୍କାର କରି ଉକ୍ତ ଯୁବକଙ୍କୁ ଉଠିଯିବାକୁ କହିବା ସହ ଟ୍ରେନକୁ ଅଟକାଇବାକୁ ଚାଳକଙ୍କୁ ଡାକ ପକାଇଥିଲେ। ଚାଳକ ଏହା ଦେଖି ତୁରନ୍ତ ଟ୍ରେନ୍‌କୁ ଅଟକାଇ ତାଙ୍କୁ ରେଳ ଧାରଣାରୁ ଉଠାଇ ଆତ୍ମହତ୍ୟା ନ କରିବାକୁ ପରାମର୍ଶ ଦେଇଥିଲେ। ଲୋକଙ୍କଠାରୁ ଖବର ପାଇ ପିସିଆର ପୋଲିସ ପହଞ୍ଚି ଉକ୍ତ ଯୁବକ ଜଣଙ୍କୁ ଥାନାକୁ ନେଇ ପଚାରଉଚାର କରି ଘଟଣା ସମ୍ପର୍କରେ ଶୁଣିବା ପରେ ତାଙ୍କ ଭଉଣୀଙ୍କୁ ଡାକି ଜିମା ଦେଇଥିଲେ ।

## ସମୁଦ୍ରରେ ବୁଡ଼ି ଯୁବକ ମୃତ

**ପୁରୀ ଅଫିସ, ୨୫।୩:** ପୁରୀ ହୋଟେଲ ସମ୍ମୁଖ ସମୁଦ୍ରରେ ସ୍ନାନବେଳେ ଶୁକ୍ରବାର ଜଣେ ପର୍ଯ୍ୟଟକ ବୁଡ଼ି ପ୍ରାଣ ହରାଇଛନ୍ତି। କରିଛନ୍ତି। ମୃତକ ହେଲେ ଅନୁଗୋଳ ଜିଲା ବଆଁରପାଳର ପ୍ରକାଶ କୁମାର ନାୟକ (୩୮)। ସୂଚନା ଅନୁଯାୟୀ, ପ୍ରକାଶ ତାଙ୍କ ସାଙ୍ଗମାନଙ୍କ ସହ ପୁରୀ ଆସି ବୈକୁଣ୍ଠ ପ୍ୟାଲେସରେ ରହିଥିଲେ। ଶୁକ୍ରବାର ସକାଳେ ସମୁଦ୍ର ସ୍ନାନ ସମୟରେ ବୁଡ଼ିଯାଇଥିଲେ। ସେଠାରେ ଥିବା ଲାଇଫ ଗାର୍ଡ ତାଙ୍କୁ ସମୁଦ୍ରରୁ ଉଦ୍ଧାର କରି ମେଡିକାଲ୍ ନେଇଥିଲେ। ତେବେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ଜଗନ୍ନାଥଙ୍କ ସହ ଓଡ଼ିଆଙ୍କ ସମ୍ପର୍କ ନିଆରା

**ଭୁବନେଶ୍ୱର,୨୫।୩(ବ୍ୟୁରୋ):** ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସହ ଓଡ଼ିଶାବାସୀଙ୍କ ସମ୍ପର୍କ ନିଆରା। ଜଗନ୍ନାଥ ଅତି ଆପଣାର ହୋଇଥିବାରୁ ଓଡ଼ିଆମାନେ ଯେଭଳି ଭଲ ପାଇଥାନ୍ତି, ଅଭିମାନରେ ଗାଳି ମଧ ଦେଇଥାନ୍ତି, ଯାହା ଅନ୍ୟ କୌଣସିଠାରେ ଦେଖିବାକୁ ମିଳି ନ ଥାଏ। ଜଗନ୍ନାଥଙ୍କୁ ସଖା, ବନ୍ଧୁ, ସହୋଦର ପରି ସମ୍ପର୍କ ସହିତ ଯୋଡିଥାନ୍ତି। ସୁଖ, ଦୁଃଖ ଓ ବିପଦ ଆପଦରେ ତାଙ୍କୁ ବି ମନେପକେଇ ଥା'ନ୍ତି। ଓଡ଼ିଶା ରାଜ୍ୟ ଅଭିଲେଖାଗାରରେ ଶୁକ୍ରବାର ଅନୁଷ୍ଠିତ ୬୧ତମ ସଂସ୍କୃତି ଚର୍ଚ୍ଚା ସମ୍ମାନ ମହୋତ୍ସବରେ ଯୋଗଦେଇ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ନିର୍ଦ୍ଦେଶକ ତଥା ଅତିରିକ୍ତ ଶାସନ ସଚିବ ରଞ୍ଜନ କୁମାର ଦାସ ଏହା କହିଛନ୍ତି। ମୁଖ୍ୟବକ୍ତା ଭାବେ ରବୀନ୍ଦ୍ର ନାରାୟଣ ମିଶ୍ର ଯୋଗଦେଇ ଜୀବନ ସହିତ ଜଗନ୍ନାଥଙ୍କର କ'ଣ ଓ କିପରି ସମ୍ପର୍କ ରହିଛି ସେ ବିଷୟରେ ବିଭିନ୍ନ ଉଦାହରଣ ମାଧ୍ୟମରେ ଆଲୋଚନା କରିଥିଲେ। ଜୀବନକୁ ବୁଝିବାକୁ ହେଲେ ପ୍ରଥମେ ଜଗନ୍ନାଥଙ୍କୁ ବୁଝିବାକୁ ହେବ ବୋଲି ସେ କହିଥିଲେ। ଅଭିଲେଖାଗାରର ଅଧୀକ୍ଷକ ଡ. ଶେଖ୍ ସୋଲେମାନ ଅଲ୍ଲୀ ସ୍ୱାଗତ ଭାଷଣ ଓ ଉପେନ୍ଦ୍ର ବେହେରା ଧନ୍ୟବାଦ ଦେଇଥିଲେ।

# ଦିନକରେ ବାପା, ପୁଅଙ୍କ ଜୀବନ ଗଲା

ବାରଙ୍ଗ,୨୫।୩(ଡି.ଏନ୍.ଏ.)

### ଏକାଥରେ ଜୁଇ ଜଳିଲା

ବାପାଙ୍କ ଦେହାନ୍ତ ହେବାର କେଇ ଘଣ୍ଟାପରେ ପୁଅର ଜୀବନ ଚାଲିଯାଇଥିଲା। ପରିବାର ଚଳାଇବାର ବୋଝ ସହ ରୋଗିଣା ବାପାର ଚିକିତ୍ସା ପାଇଁ ଏକମାତ୍ର ରୋଜଗାରକ୍ଷମ ପୁଅର ଜୀବନ ଶୁକ୍ରବାର ଚାଲିଯାଇଛି। ଏପଟେ ପୁଅ ଓ ସ୍ୱାମୀକୁ ହରାଇ ମା' ଦୁଃଖରେ ଭାଙ୍ଗିପଡିଥିବାବେଳେ ଏହି ଘଟଣା ଗ୍ରାମବାସୀଙ୍କୁ ମର୍ମାହତ କରିଛି। ଏହିଭଳି ଦୁଃଖଦ ଘଟଣା ବାରଙ୍ଗସ୍ଥିତ କୁହ୍ନେଇପଡା ପଞ୍ଚାୟତର ବ୍ରାହ୍ମଣୀ ଗାଁରେ ଘଟିଛି। ବ୍ରାହ୍ମଣୀ ଗାଁର ୫୦ବର୍ଷ ବୟସ୍କ ପୁରୁଷୋତ୍ତମ ସ୍ୱାଇଁଙ୍କ ବ୍ରେନ ଟ୍ୟୁମର ଥିବାରୁ ଚିକିତ୍ସା କରାଉଥିଲେ। କିନ୍ତୁ ଗତ ୬ ମାସ ତଳେ ଏହା କ୍ୟାନସର ଆଡକୁ ଗତି କରୁଥିବା ଡାକ୍ତରଙ୍କଠାରୁ ପରିବାର ଲୋକ ଜାଣିବାକୁ ପାଇଥିଲେ। କିଛିଦିନ ଡାକ୍ତରଖାନାରେ ରହି ଚିକିତ୍ସା ହେଉଥିବା ବେଳେ ପରେ ଅର୍ଥ ବାଧକ ସାଜିବାରୁ ଘରକୁ ନେଇଆସିଥିଲେ। ରୋଗଗ୍ରସ୍ତ ପୁରୁଷୋତ୍ତମ ଘରେ ପଡିରହିବାରୁ ଏକମାତ୍ର ପୁଅ ଚନ୍ଦନ ଓରଫ ନନ୍ଦି ଘର ଚଳାଇବା ପାଇଁ ମୂଲ ଲାଗିବାକୁ ଆରମ୍ଭ କରିଥିଲେ। କିନ୍ତୁ ଗୁରୁବାର ହଠାତ୍ ନନ୍ଦିଙ୍କ ଦେହ ଅସୁସ୍ଥ ହୋଇପଡିଥିଲା। ଫଳରେ ସ୍ଥାନୀୟ ଲୋକେ ତାଙ୍କୁ ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି କରାଇଥିଲେ। କିନ୍ତୁ ଶୁକ୍ରବାର ସକାଳେ ଘରେ ରୋଗଗ୍ରସ୍ତ ହୋଇ ପଡିଥିବା ପୁରୁଷୋତ୍ତମ ଶେଷନିଃଶ୍ୱାସ ତ୍ୟାଗ କରିଥିଲେ। ସାହିପଡିଶା ମିଶି ଗ୍ରାମ ଶଶ୍ମାନରେ ତାଙ୍କର ଅନ୍ତିମ ସଂସ୍କାର କରିବା ପାଇଁ ନେଇଥିଲେ। ହେଲେ ଏପଟେ ଡାକ୍ତରଖାନାରେ ଚିକିତ୍ସାଧୀନ ଥିବା ପୁଅ ନନ୍ଦିଙ୍କ ମଧ ଜୀବନ ଚାଲିଯିବାର ଖବର ପହଞ୍ଚିଥିଲା। ଶେଷରେ ପୁଅର ମୃତଦେହ ଗ୍ରାମରେ ପହଞ୍ଚିବା ପରେ ଗ୍ରାମବାସୀ ଏକ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରାଇ ଏକାବେଳକେ ବାପାପୁଅଙ୍କ ଜୁଇ ଜଳିଥିଲା। ତେବେ ଏହି ଘଟଣା ପରେ ଘରେ ରହିଥିବା ମା' ଦୁଃଖରେ ଭାଙ୍ଗିପଡିଥିବା ବେଳେ ଗ୍ରାମରେ ଶୋକର ବାତାବରଣ ସୃଷ୍ଟି ହୋଇଛି।

## ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

ସେଲ୍‌ଫି କର୍ଣ୍ଣର ଧରିତ୍ରୀ

metroselfie@gmail.com



@ ଉମାକାନ୍ତ



@ ଅନିଲ



@ ଶେଖ୍ ସଫିକ୍



@ ଶୁଭ୍ରାଂଶୁ



@ ଦୀନବନ୍ଧୁ



@ କୁଳମଣି

# ୧୧ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ଅବକାରୀ ସାମଗ୍ରୀ ଜବତ

କଟକ ଅଫିସ,୨୫।୩

### ଅବକାରୀ ବିଭାଗର ସ୍ପେଶାଲ ଡ୍ରାଇଭ୍

- ୩୮୯୫ ମାମଲା ରୁଜୁ, ୩୧୯୫ ଗିରଫ

ରାଜ୍ୟର ୧୦୬ ପୌର ପରିଷଦ ଓ ୩ ମହାନଗର ନିଗମ ଅଞ୍ଚଳରେ ନିର୍ବାଚନକୁ ଅବାଧ, ନିରପେକ୍ଷ, ଶୃଙ୍ଖଳିତ କରାଇବା ପାଇଁ ରାଜ୍ୟ ଅବକାରୀ ବିଭାଗ ପକ୍ଷରୁ ବ୍ୟାପକ ପଦକ୍ଷେପ ନିଆଯାଇଛି। ଏଥିପାଇଁ ବିଭାଗ ପକ୍ଷରୁ ଫେବୃୟାରୀ ୨୫ରୁ ମାର୍ଚ୍ଚ ୨୪ ତାରିଖ ପର୍ଯ୍ୟନ୍ତ ସ୍ପେଶାଲ ଡ୍ରାଇଭ୍ କରାଯାଇ ବିଭିନ୍ନ ସ୍ଥାନରେ ଚଢାଉ ହୋଇଥିଲା। ଏହି ସମୟ ମଧ୍ୟରେ ବିଭାଗ ପକ୍ଷରୁ ୩୮୯୫ ଅବକାରୀ ମାମଲା ରୁଜୁ ହୋଇଥିବାବେଳେ ୩୧୯୫ ଜଣଙ୍କୁ ଗିରଫ କରାଯାଇଛି। ଏଥିସହ ୧ ଲକ୍ଷ ୧୨ ହଜାର ୨୬୩ ଲିଟର ଦେଶୀ ମଦ, ୯ ଲକ୍ଷ ୯ ହଜାର ୩୯୫ ଲିଟର ଦେଶୀ ମଦ ତିଆରି ସାମଗ୍ରୀ ଜବତ କରାଯାଇଛି। ସେହିପରି ୨୯୧୬ କିଲୋ ଗଞ୍ଜେଇ, ୧୦୩୪.୧୪ ଲିଟର ନକଲି ବିଦେଶୀ ମଦ, ୯୩୪୧.୮ ଲିଟର ଟାକ୍ସ ଦିଆଯାଇ ନ ଥିବା ବିଦେଶୀ ମଦ, ୫୨୭.୭ ଲିଟର ସ୍ପିରିଟ୍, ୬୩୭.୬ ଗ୍ରାମ୍ ବ୍ରାଉନ୍‌ସୁଗାର ଜବତ ହୋଇଛି। ଏଥିସହ ୨୫୩୨ ଲିଟର ବିଦେଶୀ ମଦ, ୨୮୧୦ ଲିଟର ବିୟର, ୭୮୬.୬ ଲିଟର ଦେଶୀ ମଦ, ୨୭୦୫.୭ ଲିଟର ଦେଶୀ ମହୁଲି ମଦ, ୭୨୬୦ଟି ଡୁପ୍ଲିକେଟ୍ କମ୍ପାନୀ ଲେବେଲ ସମେତ ୧୪୪ଟି ଦୁଇ ଓ ଚାରିଚକିଆ ଗାଡ଼ି ଜବତ କରାଯାଇଛି। ତେବେ ଜବତ ସାମଗ୍ରୀର ମୂଲ୍ୟ ୧୧.୦୬ କୋଟି ଟଙ୍କା ହେବ ବୋଲି ଅବକାରୀ ବିଭାଗ ପକ୍ଷରୁ ପ୍ରେସ୍ ବିଜ୍ଞପ୍ତି ଜରିଆରେ ଶୁକ୍ରବାର ସୂଚନା ଦିଆଯାଇଛି।

## ରାଜ୍ୟପାଳଙ୍କ ଦ୍ୱାରା ସ୍ୱତନ୍ତ୍ର ପୋଷ୍ଟାଲ କଭର ଉନ୍ମୋଚିତ

ଭୁବନେଶ୍ୱର,୨୫।୩(ବ୍ୟୁରୋ)

ସେଣ୍ଟର ଫର୍ ୟୁଥ୍ ସୋସିଆଲ ଆଣ୍ଡ ଡେଭଲପମେଣ୍ଟ (ସିୱାଇଏସ୍‌ଡି)ର ୪୦ତମ ପ୍ରତିଷ୍ଠା ଦିବସ ପାଳନ ଅବସରରେ ଡାକ ବିଭାଗ ଏହାକୁ ନିଜର ଏକ ସ୍ୱତନ୍ତ୍ର ସଂସ୍କରଣରେ ସାମିଲ କରିଛି। ଡାକ ବିଭାଗ ଦ୍ୱାରା ଅନୁମୋଦିତ ବିଶେଷ ପୋଷ୍ଟାଲ ଲଫାପା ଓ ପୋଷ୍ଟକାର୍ଡକୁ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଉନ୍ମୋଚିତ କରିଛନ୍ତି। ରାଜଭବନରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ରାଜ୍ୟପାଳ, ସିୱାଇଏସଡିର ସହପ୍ରତିଷ୍ଠାତା ଜଗଦାନନ୍ଦ, ରାଜ୍ୟ ଡାକ ବିଭାଗ କର୍ମକର୍ତ୍ତାଙ୍କ ସମେତ ସିୱାଇଏସ୍‌ଡି ଓ ରାଜଭବନର ଅନେକ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଦୀର୍ଘ ୪୦ବର୍ଷ ଧରି ନିରବଚ୍ଛିନ୍ନ ଭାବେ ସିୱାଇଏସଡି ରାଜ୍ୟର ପଛୁଆ ଓ ଆଦିବାସୀ ବହୁଳ ଅଞ୍ଚଳରେ କାମ କରିଆସୁଛି। ପ୍ରାକୃତିକ ସମ୍ବଳକୁ ବିନିଯୋଗ ଏବଂ ରୋଜଗାର ବୃଦ୍ଧି ପାଇଁ ବିଭିନ୍ନ ସୁଯୋଗ ସୃଷ୍ଟି କରିବା ସହିତ ତାଲିମ ମାଧ୍ୟମରେ ଦକ୍ଷତା ବିକାଶକୁ ପ୍ରାଧାନ୍ୟ ଦିଆଯାଇ ଅର୍ଥନୈତିକ ସ୍ତରରେ ସେମାନଙ୍କୁ ମଜଭୁତ କରାଇବାରେ ସହାୟକ ହୋଇପାରିଛି।




ରାଜ୍ୟ ଅଭିଲେଖାଗାରରେ ଶୁକ୍ରବାର ୬୧ତମ ସଂସ୍କୃତି ଚର୍ଚ୍ଚା ସମ୍ମାନ ମହୋତ୍ସବରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ, ରବୀନ୍ଦ୍ର ନାରାୟଣ ମିଶ୍ର ଓ ଅଭିଲେଖାଗାର ଅଧୀକ୍ଷକ ଡ. ଶେଖ୍ ସୋଲେମାନ ଅଲ୍ଲୀ।




ପୁରୀ ସମଙ୍ଗରାସ୍ଥିତ ମେଳଣ ପଡ଼ିଆରେ ମେଳଣ ଅବସରରେ ବିଭିନ୍ନ ଅଞ୍ଚଳରୁ ଆସି ଏକାଠି ହୋଇଥିବା ଦୋଳ ବିମାନ।



ସିୱାଇଏସ୍‌ଡିର ୪୦ତମ ପ୍ରତିଷ୍ଠା ଦିବସ ପାଳନ ଅବସରରେ ଶୁକ୍ରବାର ରାଜଭବନରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ସ୍ୱତନ୍ତ୍ର ପୋଷ୍ଟାଲ ଲଫାପା ଓ ପୋଷ୍ଟକାର୍ଡକୁ ଉନ୍ମୋଚନ କରୁଛନ୍ତି।

## ଦୋଳବେଦିରେ ପାଲା ପରିବେଷଣ

ବାଲିଅନ୍ତା,(ଡି.ଏନ୍.ଏ.): ବାଲିଅନ୍ତା ବ୍ଲକ ଜଗନ୍ନାଥପୁର ପଞ୍ଚାୟତର ଶାୟତଶାସନ ଗ୍ରାମରେ ଥିବା ଦୋଳବେଦିରେ ପଞ୍ଚୁଦୋଳ ମେଳଣ ଚାଲିଛି। ଏହି ପରିପ୍ରେକ୍ଷୀରେ ସେଠାରେ ତିନିଦିନ ଧରି ପାଲା ପରିବେଷଣ ହୋଇଥିଲା। ଏଥିରେ ଗାୟିକା ଭାବେ ଭାରତୀ ମାନସୀ ପଣ୍ଡା ଓ ତାଙ୍କ ସହଯୋଗୀ ପାଲା ପରିବେଷଣ କରିଥିଲେ। ଏହି ଗ୍ରାମରେ ଶ୍ରୀ ଶ୍ରୀ ବ୍ରକେଶ୍ୱର ଦେବ ଏବଂ ଶ୍ରୀ ଶ୍ରୀ ଗୋପୀନାଥ ଦେବ ଦୋଳବେଦିରେ ବିରାଜମାନ କରିଥିଲେ। ମୁରଲୀଧର ପଣ୍ଡା ଓ ସୁବଳ ସାହୁଙ୍କ ତତ୍ତ୍ୱାବଧାନରେ ପାଲା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ସଂକ୍ଷେପରେ

### ସାହିତ୍ୟିକ ଅଚ୍ୟୁତାନନ୍ଦ ପତିଙ୍କୁ ତପସ୍ୟା ଶାଶ୍ୱତ ପୁରସ୍କାର

ଭୁବନେଶ୍ୱର,୨୫।୩(ବ୍ୟୁରୋ)- ତପସ୍ୟା ଫାଉଣ୍ଡେଶନ ପକ୍ଷରୁ ୨୦୨୧ବର୍ଷ ପାଇଁ ୩ଜଣଙ୍କୁ ନେଇ ଓଡ଼ିଆ ସାହିତ୍ୟ ପୁରସ୍କାର ଘୋଷଣା କରାଯାଇଛି। ସାହିତ୍ୟିକ ଅଚ୍ୟୁତାନନ୍ଦ ପତିଙ୍କୁ ତପସ୍ୟା ଶାଶ୍ୱତ ପୁରସ୍କାର-୨୦୨୧, ଯୁବ ସାହିତ୍ୟିକ ଡ.ରଞ୍ଜନ ପ୍ରଧାନଙ୍କୁ ତପସ୍ୟା ସୃଜନ ପୁରସ୍କାର ଓ ଯୁବ ଲେଖକ ପରମବୀର ଚକ୍ରଙ୍କୁ ତପସ୍ୟା ସମ୍ଭାବନା ପୁରସ୍କାର ଦିଆଯିବା ନେଇ ଫାଉଣ୍ଡେଶନର ମ୍ୟାନେଜିଂ ଟ୍ରଷ୍ଟି ଡ. ଜୁଲି ମିଶ୍ର କହିଛନ୍ତି। ପୁରସ୍କାର ବାବଦରେ ଯଥାକ୍ରମେ ୫୦ହଜାର, ୩୦ହଜାର ଓ ୨୦ ହଜାର ରାଶି, ମାନପଏଲକ ଓ ଉପାୟନ ପ୍ରଦାନ କରାଯିବ। ସାହିତ୍ୟିକ ପତିଙ୍କୁ ଜୀବନବ୍ୟାପୀ ସାଧନା ନିମନ୍ତେ, ଡକ୍ଟର ପ୍ରଧାନଙ୍କୁ 'ଗୋନାସିକା ନନ୍ଦିନୀ ବୈତରଣୀ' ଓ 'ବୁଢ଼ାବଳଙ୍ଗର ମାଝୀ' ପୁସ୍ତକ ନିମନ୍ତେ ପୁରସ୍କୃତ କରାଯିବା ବେଳେ ଯୁବକ ଲେଖକ ଚକ୍ରଙ୍କୁ ୩୦ବର୍ଷରୁ କମ୍ ବୟସ ବର୍ଗରେ ପୁରସ୍କୃତ କରାଯିବ। ଏହା ଆସନ୍ତା ଏପ୍ରିଲରେ ଆୟୋଜନ ହେବ।

### ଛାତ୍ରଙ୍କ ଝୁଲନ୍ତା ମୃତଦେହ ଜବତ

ଝାଁଲା,୨୫।୩(ଡି.ଏନ୍.ଏ.): ଇନ୍‌ଫୋଭ୍ୟାଲି ଥାନା ମଦନପୁର ପଞ୍ଚାୟତ କାଇମାଟିଆ ଅଞ୍ଚଳରୁ ଶୁକ୍ରବାର ଝାଁଲା ଫାଣ୍ଡି ପୋଲିସ ଜଣେ ଛାତ୍ରଙ୍କ ଝୁଲନ୍ତା ମୃତଦେହ ଜବତ କରିଛି। ସେ ହେଲେ ରାୟଗଡ଼ାର ମନୋହର ଚୌଧୁରୀ (୧୯)। ସୂଚନା ମୁତାବକ, ମନୋହର ମଦନପୁର ଅଞ୍ଚଳରେ ଥିବା ଏକ ଘରୋଇ କଲେଜରେ ଏମ୍‌ବିଏ ଦ୍ୱିତୀୟ ବର୍ଷର ଛାତ୍ର ଥିଲେ। କାଇମାଟିଆ ଅଞ୍ଚଳରେ ୩ଜଣ ସାଙ୍ଗଙ୍କ ସହ ସେ ଘରଭଡ଼ା ନେଇ ରହୁଥିଲେ। ଶୁକ୍ରବାର ମନୋହରଙ୍କ ସାଙ୍ଗମାନେ ସିନେମା ଦେଖିବା ପାଇଁ ଯାଇଥିବା ବେଳେ ସେ ରୁମରେ ରହିଥିଲେ। ଅପରାହ୍ନରେ ସାଙ୍ଗମାନେ ଫେରିଲା ବେଳକୁ ରୁମ ଭିତର ପଟୁ କବାଟ ଦିଆଯାଇଥିଲା। ବାରମ୍ବାର ଡାକିବା ପରେ ମଧ ମନୋହର କବାଟ ଖୋଲି ନ ଥିଲେ। ପରେ ସ୍କାଏଲାଇଟ ବାଟେ ମନୋହର ଝୁଲୁଥିବା ଦେଖିବାକୁ ପାଇଥିଲେ। ଏନେଇ ପୋଲିସକୁ ଜଣାଇଥିଲେ। ଝାଁଲା ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ପଠାଇଛି। ଶନିବାର ପରିବାର ଲୋକ ପହଞ୍ଚିବା ପରେ ବ୍ୟବଚ୍ଛେଦ କରାଯିବ। ତେବେ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ପୋଲିସ କହିଛି।





ଭୁବନେଶ୍ୱର ବିଜେବି କଲେଜସ୍ଥିତ ଷ୍ଟ୍ରଙ୍ଗରୁମ୍‌ରେ ଇଭିଏମ୍ ଟାମ୍ପରିଂ ଅଭିଯୋଗରେ ଶୁକ୍ରବାର ଉପୁଜିଥିବା ଉତ୍ତେଜନା। ଉତ୍ତ୍ୟକ୍ତ ଲୋକଙ୍କ ମାଡ଼ରେ ଆହତ ହୋଇଥିବା ଜଣେ କର୍ମଚାରୀ।



ଧସ୍ତାଧସ୍ତି ଓ ଢେଲାମାଡରେ ଆହତ ଥାନାଧିକାରୀ ଓ ହାବିଲଦାର।



ଗଣ୍ଡଗୋଳ ପରେ ପୋଲିସର ଫ୍ଲାଗମାର୍ଚ୍ଚ।



ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର, ଏଡିଏମ୍ ପ୍ରଫୁଲ୍ଲ ସ୍ୱାଇଁ ଓ ଡିସିପି ଉମାଶଙ୍କର ଦାଶ ସ୍ଥିତି ଅନୁଧ୍ୟାନ କରୁଛନ୍ତି।

# ଆଜି ଖୋଲିବ ଇଭିଏମ୍, ଆଶଙ୍କାରେ ପ୍ରାର୍ଥୀ

■ସକାଳ ୮ଟାରୁ ଭୋଟ ଗଣତି
■୪ ହଲ୍, ୪୮ ଟେବୁଲରେ ହେବ ଗଣତି

ଭୁବନେଶ୍ୱର,୨୫।୩(ବ୍ୟୁରୋ)

ଭୁବନେଶ୍ୱର ମହାନଗର ନିର୍ବାଚନ ସରିଛି। ନିଜ ମନ ପସନ୍ଦର ନେତା ବାଛିଛନ୍ତି ରାଜଧାନୀବାସୀ। ଅପେକ୍ଷା କେବଳ ଫଳାଫଳକୁ। ଲୋକଙ୍କ ବିଶ୍ୱାସ ଜିତିବାରେ କିଏ ସଫଳ ହୋଇଛନ୍ତି ତାହା ଶନିବାର ଜଣାପଡିବ। ଏପଟେ ଫଳାଫଳ ନ ବାହାରିବା ପର୍ଯ୍ୟନ୍ତ ଆଶା ଓ ଆଶଙ୍କାର ଦୋ' ଛକିରେ ରହିଛନ୍ତି ସମସ୍ତ ପ୍ରାର୍ଥୀ। ଭୋଟ ଗ୍ରହଣ ପରେ ବିଏମ୍‌ସିର ୬୭ଟି ୱାର୍ଡ ପାଇଁ ୨୮୯ଜଣ କର୍ପୋରେଟର ଓ ୧୨ଜଣ ମେୟର ପ୍ରାର୍ଥୀଙ୍କ ଭାଗ୍ୟ ଇଭିଏମ୍‌ରେ ସିଲ୍ ହୋଇଛି। ପୂର୍ବ ନିର୍ଦ୍ଧାରିତ ସମୟ ଅନୁଯାୟୀ ଶନିବାର ସକାଳ ୮ଟା ରୁ ଭୋଟ ଗଣତି ଆରମ୍ଭ ହେବ। ବିଜେବି କଲେଜ ଷ୍ଟ୍ରଙ୍ଗ୍‌ରୁମରେ ୪ଟି ହଲ୍‌ରେ କର୍ପୋରେଟର ଏବଂ ମେୟରଙ୍କ ପାଇଁ ୨୪ଟି ଲେଖାଏ ଟେବୁଲରେ ଗଣତି କରାଯିବ। ୱାର୍ଡ ୱାଇଜ୍ ଭୋଟ ଗଣତି କରି ଫଳାଫଳ ଘୋଷଣା କରାଯିବ। ଏଥିପାଇଁ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଛି। ନିୟମିତ ବ୍ୟବଧାନରେ ଭୋଟ ଗଣତି ସମ୍ପର୍କିତ ଟିକିନିଖି ସୂଚନା ଗଣମାଧ୍ୟମ ପ୍ରତିନିଧିଙ୍କୁ ଦେବାପାଇଁ ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ, କର୍ପୋରେଟର ଓ ମେୟର ପଦବୀ ପାଇଁ ଦୁଇଟି ପୃଥକ ଏଲ୍‌ଇଡି ବା ପ୍ରୋଜେକ୍ଟର ବ୍ୟବସ୍ଥା କରାଯାଇଥିବା ବିଏମସି ନିର୍ବାଚନ ଅଧିକାରୀ ପ୍ରଫୁଲ୍ଲ କୁମାର ସ୍ୱାଇଁ ସୂଚନା ଦେଇଛନ୍ତି।

ଅପରପକ୍ଷେ କର୍ପୋରେଟର ପଦ ପାଇଁ ୩ ପ୍ରମୁଖ ଦଳର ପ୍ରାର୍ଥୀଙ୍କ ବ୍ୟତୀତ ଅନେକ ଆଶାୟୀ ସ୍ୱାଧୀନ ଭାବେ ନିର୍ବାଚନ ଲଢ଼ିଛନ୍ତି। ଦଳୀୟ ଟିକେଟ ନ ପାଇ ଏକାଧିକ ବିଜେଡି ଅସନ୍ତୁଷ୍ଟ ପ୍ରାର୍ଥୀ ସ୍ୱାଧୀନ ଭାବେ ମଇଦାନକୁ ଓହ୍ଲାଇଛନ୍ତି। ନିଜ ନିଜ ଭିତରେ ଲଢେଇ ଚାଲିଥିବାବେଳେ ଲୋକେ ଦଳକୁ ଦେଖି ଭୋଟ ଦେଇଛନ୍ତି କି ପ୍ରାର୍ଥୀଙ୍କୁ ଦେଖି ଦେଇଛନ୍ତି ତାହା ଗଣତିରେ ଜଣାପଡିବ। ବିଶେଷକରି ବିଜେଡି, ଭାଜପା ମଧ୍ୟରେ ଟକ୍କର ହେଉଥିବାବେଳେ କେତେକ ୱାର୍ଡରେ ଦଳୀୟ ପ୍ରାର୍ଥୀଙ୍କ ଉପରେ ସ୍ୱାଧୀନ ପ୍ରାର୍ଥୀ ଭାରି ପଡିବେ ବୋଲି ଚର୍ଚ୍ଚା ହେଉଛି। ଅପରପକ୍ଷେ ପ୍ରଥମ କରି ଜନସାଧାରଣ ସିଧାସଳଖ ଭୋଟ ଦେଇ ମେୟର ପ୍ରାର୍ଥୀଙ୍କୁ ବାଛିଛନ୍ତି। ୩ ପ୍ରମୁଖ ଦଳର ପ୍ରାର୍ଥୀଙ୍କୁ ମିଶାଇ ମୋଟ୍ ୧୨ଜଣ ପ୍ରାର୍ଥୀ ଏହି ପଦ ପାଇଁ ପ୍ରତିଯୋଗିତା କରୁଛନ୍ତି। ତେଣୁ କେଉଁ ପ୍ରାର୍ଥୀଙ୍କୁ ଭୋଟରମାନେ ମେୟର ପଦବୀରେ ଦେଖିବାକୁ ଚାହୁଁଛନ୍ତି ଏବଂ ଅନ୍ୟ ପ୍ରତିଦ୍ୱନ୍ଦ୍ୱୀଙ୍କଠାରୁ ସେ କେତେ ସଂଖ୍ୟାରେ ଜିତିବେ ତାହା ଶନିବାର ନିର୍ଦ୍ଧାରଣ ହେବ।

## ସାମାଜିକ ପରିବର୍ତ୍ତନ ଆଣିଛନ୍ତି ନାଟ୍ୟକାର ରାମଚନ୍ଦ୍ର ମିଶ୍ର, କମଳଲୋଚନ ମହାନ୍ତି

ଭୁବନେଶ୍ୱର,୨୫।୩(ବ୍ୟୁରୋ)

ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଆନୁକୂଲ୍ୟରେ ନାଟ୍ୟକାର ସ୍ୱର୍ଗତ ରାମଚନ୍ଦ୍ରମିଶ୍ର ଓ କମଳଲୋଚନମହାନ୍ତିଙ୍କ ଶତବାର୍ଷିକୀ ପାଳନ ଅବସରରେ ଶୁକ୍ରବାର ରବୀନ୍ଦ୍ରମଣ୍ଡପଠାରେ ନାଟ୍ୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏକାଡେମୀ ସଭାପତି ପଦ୍ମଶ୍ରୀ ନୃତ୍ୟାଙ୍ଗନା ଅରୁଣା ମହାନ୍ତି, ସଚିବ ପ୍ରବୋଧ ରଥ, ଉପସଭାପତି ନାଟ୍ୟକାର ମନ୍ମଥ ଶତପଥୀ, ନାଟ୍ୟକାର ଶଙ୍କର ପ୍ରସାଦ ତ୍ରିପାଠୀ, ମନୋଜ ପଟ୍ଟନାୟକ, ଧିରେନ୍ଦ୍ର ନାଥ ମଲ୍ଲିକ, ଦେବାନନ୍ଦ ନାୟକ, ବିଜୟ ଶତପଥୀ ଓ ଅଭିନ୍ନ ରାଉତରାୟ ଉପସ୍ଥିତ ଥିଲେ। ଉତ୍ତରପିଢ଼ିଙ୍କୁ ନେଇ ନାଟ୍ୟକାର ମିଶ୍ର ତାଙ୍କ ନାଟକ ମାଧ୍ୟମରେ ଦେଇଥିବା ସାମାଜିକ ମାର୍ଗଦର୍ଶନ ସମ୍ପର୍କରେ ଆଲୋଚକ ତ୍ରିପାଠୀ ବର୍ଣ୍ଣନା କରିଥିଲେ। ସେହିପରି କମଳ ମହାନ୍ତିଙ୍କ ନାଟ୍ୟ ପ୍ରବୃତ୍ତି ସହ ଏକ ନାଟ୍ୟକାର ଭାବେ ଅଭିମାନ, ବିପ୍ଳବକୁ ନେଇ ଆଲୋଚନା କରିଥିଲେ ଆଲୋଚକ ଶତପଥୀ। ନାଟକ କେବଳ ମନୋରଞ୍ଜନ ପାଇଁ ନୁହେଁ, ସମାଜରେ ବିଭିନ୍ନ ଶିକ୍ଷା ଓ ମାର୍ଗ ଦର୍ଶକ ଭାବେ କାମ କରିଥାଏ। ରାମଚନ୍ଦ୍ର ମିଶ୍ର ତାଙ୍କ ନାଟକରେ କୁସଂସ୍କାର ଦୂର ଓ ସାମାଜିକ ବାର୍ତ୍ତା ବହନ କଲା ପରି ନାଟକ ରଚନା କରିଥିଲେ ବୋଲି ମଲ୍ଲିକ କହିଛନ୍ତି। ସେହିପରି ଅନ୍ୟମାନେ ଦୁଇ ନାଟ୍ୟକାର କିପରି ସାମାଜିକ ପରିବର୍ତ୍ତନ ଆଣିଛନ୍ତି ସେ ସମ୍ପର୍କରେ କହିଥିଲେ।

# ପର୍ଯ୍ୟଟନର ବିକାଶ ପାଇଁ ରାଜ୍ୟଗୁଡ଼ିକର ସହଯୋଗ ଜରୁରୀ : କେନ୍ଦ୍ରମନ୍ତ୍ରୀ



କନକ୍ଲେଭରେ ଉପସ୍ଥିତ କେନ୍ଦ୍ରମନ୍ତ୍ରୀ ଜି. କିଶନ ରେଡ୍ଡୀ ଓ ଅନ୍ୟମାନେ।

**'ଚଲୋ ଦେଖେଁ ଅପନା ଦେଶ' ପର୍ଯ୍ୟଟନ କନ୍‌କ୍ଲେଭ୍ ଉଦ୍‌ଘାଟିତ**

ଭୁବନେଶ୍ୱର,୨୫।୩(ବ୍ୟୁରୋ)

ପର୍ଯ୍ୟଟନ କ୍ଷେତ୍ରର ବିକାଶ ପାଇଁ କେନ୍ଦ୍ର ସରକାର ଅଧିକ ଗୁରୁତ୍ୱ ଦେଉଛନ୍ତି। ଏହି କ୍ଷେତ୍ର ସହ ଯୋଗାଯୋଗ ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରାଯାଉଛି। ସବକା ସାଥ୍ ସବ୍‌କା ବିକାଶ ନାରାରେ ବିଶ୍ୱାସ କରୁଥିବା ଭାରତ ସରକାର ସଂସ୍କୃତି ସହ ପର୍ଯ୍ୟଟନର ବିକାଶ ପାଇଁ ଲକ୍ଷ୍ୟ ଦେଇଛନ୍ତି। କୋଭିଡ୍ ସ୍ଥିତି ସୁଧୁରିବା ପରେ ପର୍ଯ୍ୟଟନ କ୍ଷେତ୍ର ଅଣ୍ଟା ସଳଖୁଛି। ଏଥିପାଇଁ ସମସ୍ତ ରାଜ୍ୟ ଓ ଦେଶବାସୀଙ୍କ ସହଯୋଗ ଜରୁରୀ ବୋଲି ବୋଲି କେନ୍ଦ୍ର ସଂସ୍କୃତି, ପର୍ଯ୍ୟଟନ ବିକାଶ ମନ୍ତ୍ରୀ ଜି. କିଶନ ରେଡ୍ଡୀ କହିଛନ୍ତି। ଅର୍ଗସ ନ୍ୟୁଜ୍ ପକ୍ଷରୁ ଶୁକ୍ରବାର ଭୁବନେଶ୍ୱରଠାରେ ଆରମ୍ଭ ହୋଇଥିବା 'ଚଲୋ ଦେଖେଁ ଅପ୍‌ନା ଦେଶ' ପ୍ରସଙ୍ଗକୁ ନେଇ ଦୁଇଦିନିଆ ପର୍ଯ୍ୟଟନ କନ୍‌କ୍ଲେଭ୍‌କୁ ଉଦ୍‌ଘାଟନ କରି କେନ୍ଦ୍ରମନ୍ତ୍ରୀ ରେଡ୍ଡୀ ଏହା କହିଛନ୍ତି। ସେ କହିଛନ୍ତି, ଗ୍ରାମାଞ୍ଚଳ ପର୍ଯ୍ୟଟନ ଉପରେ ଫୋକସ୍ ଦିଆଯାଉଛି। ଜମ୍ମୁ-କାଶ୍ମୀରକୁ ସେପ୍ଟେମ୍ବରରୁ ମାର୍ଚ୍ଚରେ ୭୨ ଲକ୍ଷ ପର୍ଯ୍ୟଟକ ଆସିଛନ୍ତି। ଯୋଗ ଦିବସ ସହ ପର୍ଯ୍ୟଟନ କ୍ଷେତ୍ରକୁ ଯୋଡ଼ି ୭୫ଟି ସ୍ଥାନରେ ଯୋଗ କାର୍ଯ୍ୟକ୍ରମ କରିବାକୁ ଲକ୍ଷ୍ୟ ରହିଛି। ଟୁରିଜମ୍ ଟ୍ରେନ୍ ଅଧିକ ଚାଲିବା ନେଇ ପଦକ୍ଷେପ ନିଆଯାଉଛି। ଏ କ୍ଷେତ୍ରରେ ରାଜ୍ୟ ସରକାରଙ୍କ ସହଯୋଗ କାମନା କରି ସେ ଓଡ଼ିଶାର ମହାନ୍ ସଂସ୍କୃତି ଓ ଐତିହ୍ୟ ସହିତ ଶ୍ରୀଜଗନ୍ନାଥ ମନ୍ଦିର, ଶ୍ରୀଲିଙ୍ଗରାଜ ମନ୍ଦିର ଓ ସୂର୍ଯ୍ୟ ମନ୍ଦିରର ଗାଥା କହିଲେ। ଏଥିସହ ଓଡ଼ିଶୀ ନୃତ୍ୟର ସମ୍ପର୍କରେ ଆଲୋକପାତ କରିଥିଲେ। ଡିଏନ୍ ସ୍କୋୟାରସ୍ଥିତ ହୋଟେଲ ଭିଭାନ୍ତାରେ ଚାଲିଥିବା ଏହି କନ୍‌କ୍ଲେଭ୍‌ରେ ଜମ୍ମୁ ଓ କଶ୍ମୀର ପର୍ଯ୍ୟଟନ ବିଭାଗ ସମେତ ବହୁ ଭାରତୀୟ ପର୍ଯ୍ୟଟନ ଓ ଭ୍ରମଣ ଉଦ୍ୟୋଗୀମାନେ ଅଂଶଗ୍ରହଣ କରିଛନ୍ତି।

## ନନ୍ଦନକାନନରେ ଭାରତୀୟ ଅଜଗର ଅସୁସ୍ଥ

ବାରଙ୍ଗ,୨୫।୩(ଡି.ଏନ୍.ଏ.)

ନନ୍ଦନକାନନ ପ୍ରାଣୀ ଉଦ୍ୟାନର ସରୀସୃପ ଉଦ୍ୟାନର ୫୧ନମ୍ବର ଏନକ୍ଲୋଜରରେ ରହୁଥିବା ମାଈ ଭାରତୀୟ ଅଜଗର ପ୍ରଥମଥର ପାଇଁ ଅସୁସ୍ଥ ହୋଇପଡିଛି। ସେ ଠିକ ଭାବେ ଖିଆପିଆ କରୁନାହିଁ। ଏପରିକି ଗୋଟିଏ ସ୍ଥାନରେ ପଡିରହୁଛି। ଅଜଗର ଦେହର ମଝି ଅଂଶରେ ଏକ ଶକ୍ତ ଆଘାତ ଲାଗିଥିବାରୁ ସେ ସ୍ଥାନଟି ଫୁଲିଯାଇଛି। ତାକୁ ନନ୍ଦନକାନନ ବନ୍ୟପ୍ରାଣୀ ଚିକିତ୍ସକ ଚିକିତ୍ସା କରିବା ପରେ ସେ ସୁସ୍ଥ ଥିବା ଜଣାପଡିଛି।

## ଓଡ଼ିଶା ପର୍ଯ୍ୟଟକଙ୍କୁ ଆକୃଷ୍ଟ ପାଇଁ ଜମ୍ମୁ ଓ କଶ୍ମୀର ପର୍ଯ୍ୟଟନର ପ୍ରୟାସ

ଭୁବନେଶ୍ୱର,୨୫।୩(ବ୍ୟୁରୋ)

ଓଡ଼ିଶାର ପର୍ଯ୍ୟଟକଙ୍କ ଆକୃଷ୍ଟ କରିବା ପାଇଁ ଜମ୍ମୁ ଓ କଶ୍ମୀର ପର୍ଯ୍ୟଟନ ବିଭାଗ ପ୍ରୟାସ ଆରମ୍ଭ କରିଛି। ଭୁବନେଶ୍ୱରଠାରେ ଆରମ୍ଭ ହୋଇଥିବା 'ଚଲୋ ଦେଖେଁ ଅପନା ଦେଶ' ପର୍ଯ୍ୟଯନ କନ୍‌କ୍ଲେଭ୍‌ରେ ବିଭାଗ ଅଂଶ ଗ୍ରହଣ କରି ନିଜ ରାଜ୍ୟର ଉତ୍ପାଦଗୁଡ଼ିକର ପ୍ରଚାର ଓ ପ୍ରସାର କରିଛନ୍ତି। ଏଥିସହ ଶହୀଦନଗରସ୍ଥିତ ଏକ ହୋଟେଲରେ ଖବରଦାତା ସମ୍ମିଳନୀର ଆୟୋଜନ କରି ନିଜ ପର୍ଯ୍ୟଟନ କ୍ଷେତ୍ର ସମ୍ପର୍କରେ ସୂଚନା ଦେଇଛନ୍ତି। ଜମ୍ମୁ ଓ କଶ୍ମୀର ପର୍ଯ୍ୟଟନ ବିଭାଗର ପ୍ରତିନିଧି ତଥା ଜେକେଏଏସ୍ ମୁଖ୍ୟ ନିର୍ବାହୀ ଅଧିକାରୀ ବିଭେକ ପୁରୀ, ଉପନିର୍ଦ୍ଦେଶକ ଆଶାନ-ଉଲ୍-ହକ୍ ପ୍ରମୁଖ ଉପସ୍ଥିତ ରହି ବିଭିନ୍ନ ପର୍ଯ୍ୟଟନ କ୍ଷେତ୍ର ତଥା ସରକାରଙ୍କ ପ୍ରୋତ୍ସାହନ ସମ୍ପର୍କରେ କହିଛନ୍ତି। ପର୍ଯ୍ୟଟକଙ୍କ ପାଇଁ ସ୍ୱର୍ଗ ଜମ୍ମୁ ଓ କଶ୍ମୀରରେ ଅନେକ ଚମତ୍କାର ଗନ୍ତବ୍ୟସ୍ଥଳମାନ ରହିଛି। ଏହି କେନ୍ଦ୍ର ଶାସିତ ଅଞ୍ଚଳ ଭବ୍ୟ ଦୃଶ୍ୟାବଳି, ତୁଷାରାଚ୍ଛାଦିତ ପର୍ବତ, ପ୍ରଚୁର ବନ୍ୟପ୍ରାଣୀ, ଆତିଥେୟତା ଏବଂ ଆଞ୍ଚଳିକ ହସ୍ତଶିଳ୍ପ ପାଇଁ ବିଶ୍ୱବିଖ୍ୟାତ। ଏହି କ୍ଷେତ୍ର ମାତା ବୈଷ୍ଣୋଦେବୀ, ବାବା ଅମରନାଥ ଗୁମ୍ଫା, ମଚେଲର ଚଣ୍ଡୀମାତା ମନ୍ଦିର, ସର୍ଥାଲର ଶ୍ରୀ ଅଷ୍ଟାଦଶଭୂଜା ମାତା ମନ୍ଦିର ଏବଂ ଶାହଦ୍ରାଶରୀଫ୍ ଭଳି ପ୍ରମୁଖ ତୀର୍ଥସ୍ଥଳୀରେ ଭରପୂର। ଅନ୍ୟ ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟଟନସ୍ଥଳଗୁଡ଼ିକ ହେଉଛି ଟୁଲିପ୍ ଗାର୍ଡେନ, ଶାଲିମାର ବାଗ୍, ମୋଗଲ ଗାର୍ଡେନ୍, ଗୁଲମାର୍ଗ, ପଟନୀଟପ୍, ଭଦେୱାହ, ଡାଲ୍ ହ୍ରଦ, ମାନସର ହ୍ରଦ ଇତ୍ୟାଦି। ଆଗାମୀ ପର୍ଯ୍ୟଟନ ଋତୁରେ ପର୍ଯ୍ୟଟକଙ୍କ ଆଗମନରେ ଅଭିବୃଦ୍ଧି ପାଇଁ କାର୍ଯ୍ୟକ୍ରମର ସକାରାତ୍ମକ ଫଳାଫଳ ସମ୍ପର୍କରେ ଏହି ସମ୍ମିଳନୀରେ ସେମାନେ ଅବଗତ କରାଇଥିଲେ।

# ରେଭେନ୍‌ଶା-ଏନ୍‌ସିସିବିଏମ୍ ମଧ୍ୟରେ ଏମ୍‌ଓୟୁ ସ୍ୱାକ୍ଷରିତ

କଟକ ଅଫିସ, ୨୫।୩

ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ଓ ନ୍ୟାଶନାଲ କାଉନ୍‌ସିଲ ଫର ସିମେଣ୍ଟ ଆଣ୍ଡ ବିଲ୍ଡିଂ ମ୍ୟାଟେରିଆଲ୍ସ (ଏନ୍‌ସିସିବିଏମ୍) ମଧ୍ୟରେ ବୁଝାମଣା ପତ୍ର(ଏମ୍‌ଓୟୁ) ସ୍ୱାକ୍ଷରିତ ହୋଇଛି। ଶୁକ୍ରବାର ପିଜି କାଉନ୍‌ସିଲ ଅଧ୍ୟକ୍ଷାଙ୍କ ସମ୍ମିଳନୀ କକ୍ଷରେ ଏମ୍‌ଓୟୁ ସ୍ୱାକ୍ଷରିତ ବେଳେ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସଞ୍ଜୟ କୁମାର ନାୟକ, ପିଜି କାଉନ୍‌ସିଲ ଅଧ୍ୟକ୍ଷା ପ୍ରଫେସର ଅସୀମା ସାହୁ, କୁଳ ସଚିବ ଡ. ଭକ୍ତଚରଣ ପ୍ରଧାନ, ଏନ୍‌ସିସିବିଏମ୍‌ର ନିର୍ଦ୍ଦେଶକ ଡ. ବି.ଏନ୍. ମହାପାତ୍ର, ପ୍ରଫେସର ସୋମନାଥ ଖାଓସ ପ୍ରମୁଖ ଉପସ୍ଥିତ ଥିଲେ । ବିଶ୍ୱବିଦ୍ୟାଳୟ ରସାୟନ ଓ ଭୂତତ୍ତ୍ୱ ବିଜ୍ଞାନ ବିଭାଗର ଛାତ୍ରୀଛାତ୍ର ଏନ୍‌ସିସିବିଏମ୍‌ରେ ଥିବା ବୈଜ୍ଞାନିକ ଉପକରଣଗୁଡ଼ିକ ବ୍ୟବହାର କରିପାରିବେ। ଏଥିସହ ସେଠାରେ ଗ୍ରୀଷ୍ମକାଳୀନ ଇଣ୍ଟର୍ନଶିପ୍ ମଧ୍ୟ କରିପାରିବେ। ଡ. ସିଦ୍ଧାର୍ଥ ଭରଦ୍ୱାଜ ଧନ୍ୟବାଦ ଦେଇଥିଲେ।

# ଭୋଟ ପ୍ରତି ପଛଘୁଞ୍ଚା ରାଜଧାନୀର ଶିକ୍ଷିତ ଭୋଟର

ଭୁବନେଶ୍ୱର,୨୫।୩(ବ୍ୟୁରୋ)

ରାଜଧାନୀ ଭୁବନେଶ୍ୱରରେ ସହରୀ ଉଚ୍ଚଶିକ୍ଷିତ ଭୋଟର ରହୁଛନ୍ତି। ଅଧିକାଂଶ ଦେଶ ବିଦେଶର କଥା ଉପରେ ଟିପ୍ପଣୀ ଦେବା ସହିତ ରାଜନୀତିକୁ ନେଇ ବହୁ ଆଲୋଚନା ସମାଲୋଚନା କରୁଥିବାର ଦେଖାଯାଇଥାଏ। ତେଣୁ ଗଣତନ୍ତ୍ରର ମହାପର୍ବ ଭୋଟଦାନରେ ସେମାନେ ନିଶ୍ଚିତ ପକ୍ଷେ ନିଜର ମତ ସାବ୍ୟସ୍ତ କରିବା ସହ ଯୋଗ୍ୟ ପ୍ରତିନିଧିଙ୍କୁ ବାଛିବେ ବୋଲି ସମସ୍ତଙ୍କ ଧାରଣା ଥାଏ। ମାତ୍ର ଏହି ପାଠୁଆ ଉଚ୍ଚଶିକ୍ଷିତ ତଥାକଥିତ ବ୍ୟକ୍ତିବିଶେଷମାନେ ଭୋଟଦାନ ଭଳି ମହତ୍ୱପୂର୍ଣ୍ଣ କାର୍ଯ୍ୟକୁ ଅଯଥା ବା ସମୟର ବରବାଦ ଛଡ଼ା ଅନ୍ୟ କିଛି ଭାବୁନାହାନ୍ତି। ଯେଉଁ କାରଣରୁ ମତଦାନ ଅଧିକାର ସାବ୍ୟସ୍ତ କରିବା ସମୟରେ ଏମାନଙ୍କୁ ଦେଖିବାକୁ ମିଳି ନ ଥାଏ। ଫଳରେ ପ୍ରତି ନିର୍ବାଚନରେ ଭୁବନେଶ୍ୱରରେ ମତଦାନ ହାର ସବୁଠାରୁ କମ୍ ରହୁଛି। ମହାନଗର ନିର୍ବାଚନ ହେଉ ଅବା ସାଧାରଣ ନିର୍ବାଚନ ରାଜ୍ୟର ଅନ୍ୟ ଅଞ୍ଚଳ ତୁଳନାରେ ସବୁଥିରେ ପଛରେ ରହୁଛନ୍ତି ରାଜଧାନୀବାସୀ। ଏଠାରେ ମତଦାନ ହାର ୫୦ ପ୍ରତିଶତ ଟପିପାରୁନାହିଁ।

ଦୀର୍ଘ ୭ ବର୍ଷ ପରେ ବିଏମ୍‌ସି ନିର୍ବାଚନ ହୋଇଥିବାରୁ ରାଜଧାନୀବାସୀଙ୍କ ମଧ୍ୟରେ ଉତ୍କଣ୍ଠା ଦେଖାଦେଇଥିଲା। ସହରର ପ୍ରତିନିଧିମାନଙ୍କୁ ବାଛିବା ପାଇଁ ଶିକ୍ଷିତ ତଥା ସଚେତନ ଭୋଟର ଆଗେଇ ଆସିବେ ବୋଲି ଆଶା ଥିଲା। ମାତ୍ର ଏଥର ମଧ ସବୁଥର ଭଳି ନିରାଶ ହେବାକୁ ପଡିଛି। ମାତ୍ର ୪୩.୩୦ ପ୍ରତିଶତ ଭୋଟର ନିଜ ମତଦାନ କରିଛନ୍ତି। ସହରରେ ମୋଟ ୭ଲକ୍ଷ ୨୫ ହଜାର ୭୬୫ ଭୋଟର ରହିଛନ୍ତି। ସେମାନଙ୍କ ମଧ୍ୟରୁ ୩ଲକ୍ଷ ୯୪ହଜାର ୫୧୦ଜଣ ପୁରୁଷ ଥିବାବେଳେ ୩ଲକ୍ଷ ୩୦ହଜାର ୮୧୫ଜଣ ମହିଳା ଏବଂ ୪୪୦ଜଣ ଅନ୍ୟାନ୍ୟ ବର୍ଗର ଭୋଟର ରହିଛନ୍ତି। ତେବେ ମାତ୍ର ୩ଲକ୍ଷ ୧୪ହଜାର ୨୬୮ ଜଣ ଭୋଟର ମତଦାନ ସାବ୍ୟସ୍ତ କରିଛନ୍ତି। ସେମାନଙ୍କ ମଧ୍ୟରେ ୧ଲକ୍ଷ ୭୦ହଜାର ୧୩୭ ପୁରୁଷ ଥିବାବେଳେ ୧ଲକ୍ଷ ୪୪ହଜାର ୭୯ଜଣ ମହିଳା ଏବଂ ୫୨ଜଣ ତୃତୀୟ ଲିଙ୍ଗୀ ରହିଛନ୍ତି।

**ମତଦାନ ହାର ନୈରାଶ୍ୟଜନକ**

ଏହା କେବଳ ଚଳିତ ବର୍ଷର ଘଟଣା ନୁହେଁ, ୨୦୧୪ ପୌର ନିର୍ବାଚନରେ ଭୁବନେଶ୍ୱରରେ ମତଦାନ ହାର ୪୩.୩୦% ଥିବାବେଳେ ୨୦୦୮ରେ ଏହା ୩୮.୨୯% ଏବଂ ୨୦୦୩ରେ ୪୮.୮% ରହିଥିଲା। ୨୦୧୯ ସାଧାରଣ ନିର୍ବାଚନରେ ମଧ ଭୁବନେଶ୍ୱରରେ ମତଦାନ ହାର ମାତ୍ର ୪୫% ରହିଥିଲା। ସେଥିମଧ୍ୟରୁ ଅଧିକାଂଶ ଭୋଟର ବସ୍ତି ଅଞ୍ଚଳର ଥିଲେ। ରାଜଧାନୀର ବିଭିନ୍ନ ବସ୍ତି ଅଞ୍ଚଳରେ ପ୍ରାୟ ଅଢେଇ ଲକ୍ଷ ଭୋଟର ରହୁଥିବାରୁ ରାଜନେତାମାନେ ସେହି ଅଞ୍ଚଳକୁ ଅଧିକ ଫୋକସ୍ କରୁଛନ୍ତି। ଗୋଟେପଟେ ବସ୍ତି ଭୋଟ୍‌କୁ ହାତେଇବା ପାଇଁ ବିଭିନ୍ନ ସରକାରୀ ଯୋଜନା ପ୍ରଣୟନ କରାଯାଉଛି। ଅନ୍ୟପଟେ ସହରରେ ରହୁଥିବା ବଡ଼ବଡ଼ିଆ ଓ ମଧ୍ୟବିତ୍ତ ଶ୍ରେଣୀର ଲୋକଙ୍କ ପାଇଁ ସରକାରଙ୍କ ପକ୍ଷରୁ ସେପରି କିଛି ଯୋଜନା କରାଯାଉନାହିଁ ବା ଏମାନେ ସରକାରୀ ଯୋଜନା ଉପରେ ନିର୍ଭରଶୀଳ ନୁହନ୍ତି। ତେଣୁ ନିର୍ବାଚନ କିଏ ଜିତିଲା ନ ଜିତିଲା ସେଥିରେ ସେମାନଙ୍କର କୌଣସି ଫରକ ପଡୁନାହିଁ ବୋଲି ଭାବୁଛନ୍ତି। ମତଦାନ ପ୍ରତି ଲୋକଙ୍କ ଆଗ୍ରହ ବଢାଇବା ପାଇଁ ସମ୍ପୃକ୍ତ ଦିନକୁ ସରକାରୀ ଛୁଟି ରୂପେ ଘୋଷଣା କରାଯାଉଛି। ମାତ୍ର ଏହା ସତ୍ତ୍ୱେ ଅଧିକାଂଶ ଲୋକ ଭୋଟ୍ ଦେବାକୁ ନ ଯାଇ ବରଂ ଖାଇପିଇ ଛୁଟି ପାଳନ କରିବାକୁ ପସନ୍ଦ କରୁଛନ୍ତି। ଫଳରେ ଗତ ଦୁଇ ଦଶନ୍ଧି ଧରି ଭୁବନେଶ୍ୱରରେ ମତଦାନ ହାର ରାଜ୍ୟର ଅନ୍ୟ ଅଞ୍ଚଳ ତୁଳନାରେ କମ ରହୁଛି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ୨୬ ମାର୍ଚ୍ଚ, ୨୦୨୨



## ପୂର୍ବ ଶତ୍ରୁତାରୁ ଯୁବକଙ୍କୁ ଆକ୍ରମଣ

ବଲାଙ୍ଗା,(ଡି.ଏନ୍.ଏ.)-ବଲାଙ୍ଗା ଥାନା ଅନ୍ତର୍ଗତ ଚନ୍ଦ୍ରାଦେଇପୁର ଗ୍ରାମର ବିଶ୍ୱଜିତ ପରିଡ଼ାଙ୍କୁ ପୂର୍ବଶତ୍ରୁତାକୁ ନେଇ କେତେଜଣ ଯୁବକ ମରଣାନ୍ତକ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଏ ନେଇ ପୋଲିସ ଏକ ମାମଲା(ନଂ.୭୦/୨୨) ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ବିଶ୍ୱଜିତ ବଲାଙ୍ଗା ମେଳଣ ଦେଖିବାକୁ ଆସୁଥିଲେ। ଏହି ସମୟରେ ପୂର୍ବ ପ୍ରସ୍ତୁତି ଅନୁଯାୟୀ ବାଜିଆପତି ଛକଠାରେ ଚନ୍ଦ୍ରାଦେଇପୁର ଗ୍ରାମର ପ୍ରାୟ ୮ଜଣ ବିଭିନ୍ନ ପ୍ରକାର ମାରଣାସ୍ତ୍ର ଧରି ଲୁଚି ରହିଥିବାବେଳେ ବିଶ୍ୱଜିତଙ୍କୁ ଦେଖି ଆକ୍ରମଣ କରିଥିଲେ। ଦୂରରେ ଥିବା ସ୍ଥାନୀୟ ଲୋକ ଘଟଣାସ୍ଥଳକୁ ଯିବାରେ ଆକ୍ରମଣକାରୀମାନେ ପଳାଇଥିଲେ। ଖବରପାଇ ବିଶ୍ୱଜିତଙ୍କ ବାପା ପହଞ୍ଚି ସ୍ଥାନୀୟ ଲୋକଙ୍କ ଦ୍ୱାରା ପୁଅକୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଦ୍ୱାରା ପ୍ରଥମେ ମଙ୍ଗଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ହେବାରୁ ଭୁବନେଶ୍ୱରକୁ ସ୍ଥାନାନ୍ତର କରାଯାଇଛି। ପରେ ବିଶ୍ୱଜିତଙ୍କ ବାପା ଘଟଣାକୁ ନେଇ ଥାନାର ଦ୍ୱାରସ୍ଥ ହୋଇଥିଲେ।

# ଘରୋଇ ବସ୍ ଭଡ଼ା ବେଲଗାମ

### ଭଡ଼ା ତାଲିକା, ଟୋଲ୍ ଫ୍ରି ନମ୍ବରକୁ ଅଣଦେଖା

ପୁରୀ ଅଫିସ,୨୫।୩:

ଡିଜେଲ ଦର ବଢ଼ିବା ପରେ ଘରୋଇ ବସ୍‌ଭଡ଼ାକୁ ନେଇ ଯାତ୍ରୀଙ୍କ ମଧ୍ୟରେ ଅସନ୍ତୋଷ ଦେଖିବାକୁ ମିଳୁଛି। ଯେଉଁଭଳି ପ୍ରାୟ ଦୈନିକ ଡିଜେଲ ଦର ବଢ଼ିଚାଲିଛି, ସେହିଭଳି ଘରୋଇ ବସ୍ ମାଲିକମାନେ ପ୍ରତିଦିନ ମନଇଚ୍ଛା ଭଡ଼ା ବଢ଼ାଇଚାଲିଛନ୍ତି। ବସ୍‌ଗୁଡ଼ିକରେ ଧାର୍ଯ୍ୟ ଭଡ଼ାଠାରୁ ଅଧିକ ଆଦାୟ କରାଯାଉଛି। ଏ ନେଇ ଯାତ୍ରୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଥିଲେ ହେଁ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ। ଏପରି କି ଘରୋଇ ବସ୍‌ରେ ଭଡ଼ାତାଲିକା କିମ୍ବା ପରିବହନ କାର୍ଯ୍ୟାଳୟକୁ ଯୋଗାଯୋଗ କରିବା ଲାଗି ଟୋଲ୍ ଫ୍ରି ନମ୍ବର ଉଲ୍ଲେଖ ରହୁନାହିଁ। ଫଳରେ ଯାତ୍ରୀମାନେ ବସ୍‌ଭଡ଼ା ତାଲିକା ସମ୍ପର୍କରେ ଜାଣିପାରୁନାହାନ୍ତି କି ଅଭିଯୋଗ ଲାଗି ଟୋଲ୍ ଫ୍ରି ନମ୍ବରକୁ ଯୋଗାଯୋଗ କରିପାରୁନାହାନ୍ତି। ବସ୍‌କର୍ମଚାରୀ ତାଲିକାରେ ଉଲ୍ଲିଖିତ ଭଡ଼ା ଅର୍ଥଠାରୁ ଅଧିକ ଟଙ୍କା ମାଗୁଥିଲେ ଯାତ୍ରୀମାନେ ଦେବାକୁ ବାଧ୍ୟ ହେଉଛନ୍ତି। ବିଭିନ୍ନ ସ୍ଥାନରୁ ପୁରୀକୁ ଚଳାଚଳ କରୁଥିବା ବସ୍‌ଗୁଡ଼ିକରେ ଏଭଳି ଘଟଣା ଦେଖିବାକୁ ମିଳୁଛି। ଏପରି କି କେତେକ ବସ୍‌ରେ କଣ୍ଡକ୍ଟର ଟିକେଟ ଦେବାକୁ ନାରାଜ। ଟିକେଟ ମାଗିଲେ ଅଧିକ ଭଡ଼ା ଦାବି କରନ୍ତି। ଏଭଳି ଅଭିଯୋଗ ଅଧିକାଂଶ ଦିନ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟରେ ପହଞ୍ଚୁଛି। ଲୋକେ ଏନେଇ ଲିଖିତ ଅଭିଯୋଗ ମଧ୍ୟ କରୁଛନ୍ତି। ମାତ୍ର ସଲାସୁତୁରାରେ ଚାଲିଥିବା ପ୍ରଶାସନ ଏଥିପ୍ରତି ଆଖି ବୁଜି ଦେଇଛି। ଦୈନିକ ପୁରୀରୁ ଭୁବନେଶ୍ୱର ଯାଉଥିବା ଯାତ୍ରୀ ସନ୍ଦୀପ ନାୟକ କହିଛନ୍ତି, ତେଲ ଦର ବଢ଼ିବା ପରେ ବସ ଭଡ଼ା ସ୍ଥିର ରହୁନାହିଁ। ବସ୍‌ରେ ଯାତ୍ରୀଙ୍କ ସଂଖ୍ୟା ଦେଖି ଭଡ଼ା ନିଆଯାଉଛି। ଅଧିକ ଲୋକ ଥିଲେ ଠିକ ଭଡ଼ା ଓ ଲୋକ କମ୍ ଥିଲେ ୨୦ ଟଙ୍କା ପର୍ଯ୍ୟନ୍ତ ଭଡ଼ା ବଢ଼ାଇ ଆଦାୟ କରାଯାଉଛି। ଯାତ୍ରୀମାନଙ୍କୁ ଅଧିକ ଭଡ଼ା ବୋଝରେ କଳବଳ ହେବାକୁ ପଡ଼ୁଛି। ବସ୍ କର୍ମଚାରୀଙ୍କୁ ପଚାରିଲେ ତେଲ ଦର ବଢ଼ିଛି ବୋଲି ଯୁକ୍ତି କରୁଛନ୍ତି। ଏଣୁ ଠିକ ଓ ଅପଡେଟେଡ୍ ରେଟ ଚାର୍ଟ ଲଗାଇଲେ ଯାତ୍ରୀଙ୍କ ପାଇଁ ସୁବିଧାଜନକ ହୁଅନ୍ତା। ତେବେ ଏ ନେଇ ପୁରୀ ବସ୍‌ମାଲିକ ସଂଘ ସମ୍ପାଦକ ଲୋକନାଥ ପାଣିଙ୍କୁ ଯୋଗାଯୋଗ କରାଯାଇଥିଲେ ତାଙ୍କ ପ୍ରତିକ୍ରିୟା ମିଳିପାରିନାହିଁ। ଆଇନଜୀବୀ ଚିନ୍ମୟ ଦାଶ କହିଛନ୍ତି, ଭଡ଼ା ତାଲିକା ନ ଲଗାଇବା ବେଆଇନ କାର୍ଯ୍ୟ। ଡିଜେଲ୍ ଦର ବଢ଼ିବା କିମ୍ବା କମିବା ଅନୁଯାୟୀ ଯାତ୍ରୀଭଡ଼ା ପରିବର୍ତ୍ତିତ ହୋଇଥାଏ। ଏଣୁ ବସ୍‌ରେ ଧାର୍ଯ୍ୟ ଦର ଉଲ୍ଲେଖ କରାଯାଇ ଭଡ଼ା ଆଦାୟ କରାଯିବା ଉଚିତ। ମାତ୍ର ଏଭଳି ହେଉନାହିଁ। ଭଡ଼ା ତାଲିକା ଲଗାଇ ନ ଥିବା ବସ୍ ମାଲିକଙ୍କ ବିରୋଧରେ ପରିବହନ କାର୍ଯ୍ୟାଳୟ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେଉ। ଅନ୍ୟପକ୍ଷରେ ଏ ସମ୍ପର୍କରେ ଆଞ୍ଚଳିକ ପରିବହନ ଅଧିକାରୀ (ଆର୍‌ଟିଓ) ସମୀର କୁମାର ଦଳାଇ କହିଛନ୍ତି, ରେଟ୍ ଚାର୍ଟ ଲଗାଇବା ପାଇଁ ବସ୍‌ମାଲିକମାନଙ୍କୁ ବାରମ୍ବାର କୁହାଯାଇଥିଲେ ମଧ୍ୟ କେହି କାର୍ଯ୍ୟକାରୀ କରୁନାହାନ୍ତି। ତେବେ ନିକଟ ଅତୀତରେ ସମସ୍ତ ଘରୋଇ ବସ୍‌ମାଲିକଙ୍କ ସହ ଆଲୋଚନା କରାଯାଇଛି। ସବୁ ବସ୍‌ରେ ଭଡ଼ା ତାଲିକା ଟାଙ୍ଗିବା ବାଧ୍ୟତାମୂଳକ କରିବା ଉପରେ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ଜୋର୍ ଦେଉଛି। ସେହିପରି କିଲୋମିଟର ପିଛା ସାଧାରଣ ବସ୍‌ରେ ୮୭ ପଇସା, ଏକ୍ସପ୍ରେସ ୯୧ ପଇସା, ଡିଲକ୍ସ ୧ ଟଙ୍କା ୨୫ ପଇସା ଓ ବାତାନୁକୂଳିତ ଡିଲକ୍ସ ୧ ଟଙ୍କା ୫୩ ପଇସା ଦେବାର ପ୍ରାବଧାନ ରହିଥିବା ଦଳାଇ ସୂଚନା ଦେଇଛନ୍ତି।




ସେବାୟତ କୃଷ୍ଣଚନ୍ଦ୍ର ପ୍ରତିହାରୀଙ୍କ ଦଶାହରେ ଶୁକ୍ରବାର ତାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇ ଶ୍ରୀମନ୍ଦିର ସୁଆର ମହାସୁଆର ନିଯୋଗ ପକ୍ଷରୁ ଶ୍ରୀମନ୍ଦିର ସମ୍ମୁଖରେ ସମୂହ ଦୀପଦାନ କରାଯାଉଛି।

## ସଂକ୍ଷେପରେ

### ୨୮ରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

ପୁରୀ ଅଫିସ, ୨୫।୩: ଆସନ୍ତା ୨୮ ତାରିଖରେ ଚନ୍ଦନପୁରସ୍ଥିତ ମହନ୍ତ ଗଦାଧର ହାଇସ୍କୁଲରେ ପୁରୀ ସଦର ବ୍ଲକ ତରଫରୁ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ ଶିବିର ଅନୁଷ୍ଠିତ ହେବ। ପୂର୍ବରୁ ଭିନ୍ନକ୍ଷମ ପ୍ରମାଣପତ୍ର ପାଇ ନ ଥିବା ଦିବ୍ୟାଙ୍ଗ ବ୍ୟକ୍ତିମାନେ ଏଥିରେ ଯୋଗଦାନ କଲେ ବିଶେଷଜ୍ଞ ଡାକ୍ତରମାନଙ୍କ ଦ୍ୱାରା ସେମାନଙ୍କ ଅସାମର୍ଥ୍ୟତା ପରୀକ୍ଷା ଓ ଚିହ୍ନଟ କରାଯିବ। ପୁରୀ ସଦର ପଞ୍ଚାୟତ ସମିତି ଅଧୀନ ୩୦ଟି ପଞ୍ଚାୟତର ଇଚ୍ଛୁକ ବ୍ୟକ୍ତି ୨୮ତାରିଖ ସୁଦ୍ଧା ନିକଟସ୍ଥ ଜନସେବା କେନ୍ଦ୍ରରେ ଅନଲାଇନ ମାଧ୍ୟମରେ ନାମ ପଞ୍ଜୀକରଣ କରିବେ। ଏଥିସହ ଉକ୍ତ ରସିଦ ଧରି ନିର୍ଦ୍ଧାରିତ ସ୍ଥାନରେ ଉପସ୍ଥିତ ରହିବା ପାଇଁ ପଞ୍ଚାୟତ ସମିତି କାର୍ଯ୍ୟାଳୟ ପକ୍ଷରୁ ଅନୁରୋଧ କରାଯାଇଛି। ଏତଦ୍‌ବ୍ୟତୀତ ଯେଉଁ ଭିନ୍ନକ୍ଷମ ବ୍ୟକ୍ତିମାନେ ପୂର୍ବରୁ ଭିନ୍ନକ୍ଷମ ସାର୍ଟିଫିକେଟ ପାଇଛନ୍ତି, ସେମାନେ ୟୁଡିଆଇଡି ସାର୍ଟିଫିକେଟ ପାଇଁ ଜନସେବା କେନ୍ଦ୍ରରେ ଅନ୍‌ଲାଇନ ପଞ୍ଜୀକରଣ କରିପାରିବେ। ସେମାନଙ୍କୁ କ୍ୟାମ୍ପକୁ ଆସିବା ଆବଶ୍ୟକ ନାହିଁ। ପୁରୀ ସଦର ବିଡିଓ ସମ୍ମିତ ଶତପଥୀ ଏବଂ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଅଶୋକ କୁମାର ନାୟକଙ୍କ ପକ୍ଷରୁ ଏହି ସୂଚନା ଦିଆଯାଇଛି।

### ବିନା ବାଇ-ଲ'ରେ ନିର୍ବାଚନକୁ ନେଇ ମୁଣ୍ଡ ଟେକିଲା ବିବାଦ

ପୁରୀ ଅଫିସ, ୨୫।୩: ଆସନ୍ତା ୨୭ତାରିଖରେ ପୁରୀ କ୍ଲବ କର୍ମକର୍ତ୍ତା ନିର୍ବାଚନ ସହ କ୍ଲବ୍ ପ୍ରତିଷ୍ଠା ଦିବସ ପାଳନ ହେବ। ତେବେ ନିର୍ବାଚନକୁ ନେଇ ବିବାଦ ମୁଣ୍ଡ ଟେକିଛି। କ୍ଲବର ନୂତନ ତଥା ସଂଶୋଧିତ ବାଇ-ଲ' ଏପର୍ଯ୍ୟନ୍ତ ବାର୍ଷିକ ସାଧାରଣ ଅଧିବେଶନ କିମ୍ବା ସମିତି ନିବନ୍ଧକଙ୍କ ଦ୍ୱାରା ଅନୁମୋଦିତ ହୋଇ ନ ଥିବାରୁ ନିର୍ବାଚନ ବିଜ୍ଞପ୍ତି ବେଆଇନ ବୋଲି କେତେଜଣ ସଦସ୍ୟ ମତ ଦେଇଛନ୍ତି। କ୍ଲବ୍‌ର ସଦସ୍ୟ ପୁଷ୍ପଜିତ ମହାପାତ୍ର କହିଛନ୍ତି, ନୂତନ ସଂଶୋଧିତ ବାଇ-ଲ' ଅନୁମୋଦିତ ହୋଇ ନ ଥିବାରୁ ନିର୍ବାଚନ ବେଆଇନ ଅଟେ। ସେହିଭଳି ଏହି ପ୍ରସଙ୍ଗ ଏବେ ଅଦାଲତରେ ବିଚାରାଧୀନ ରହିଛି। ତେଣୁ କର୍ମକର୍ତ୍ତା ନିର୍ବାଚନ କିପରି କରାଯିବ ବୋଲି ସେ ପ୍ରଶ୍ନ କରିଛନ୍ତି। ସୂଚନାଯୋଗ୍ୟ, ନିର୍ବାଚନକୁ କେନ୍ଦ୍ରକରି ୨୦୧୮ରେ ଏଭଳି ବିବାଦ ମୁଣ୍ଡ ଟେକିଥିଲା। ପୁଷ୍ପଜିତ ମହାପାତ୍ର ଏବଂ ଅନ୍ୟ ସଦସ୍ୟ ଏନେଇ ଅଦାଲତଙ୍କ ଦ୍ୱାରସ୍ଥ ହୋଇଥିଲେ। ଓଡ଼ିଶା ଉଚ୍ଚ ନ୍ୟାୟାଳୟରେ ମକଦ୍ଦମାର ଶୁଣାଣି ହୋଇଥିଲା। ବାର୍ଷିକ ସାଧାରଣ ପରିଷଦ ବୈଠକରେ ନୂଆ ବାଇ-ଲ' ଅନୁମୋଦନ ହେବା ପରେ ସେଥିରେ ଥିବା ବ୍ୟବସ୍ଥା ଅନୁଯାୟୀ ଭବିଷ୍ୟତରେ ବିଭିନ୍ନ ପଦ ପଦବୀ ପାଇଁ ନିର୍ବାଚନ କରାଯାଇପାରିବ ବୋଲି ଉଚ୍ଚ ନ୍ୟାୟାଳୟ ନିର୍ଦ୍ଦେଶ ଦେଇଥିଲେ। ଆଇନ ଅନୁଯାୟୀ ପୁରୀ କ୍ଲବ ପଞ୍ଜୀକୃତ ହୋଇଥିବାରୁ ନିବନ୍ଧକଙ୍କ ଅନୁମୋଦନ ବିନା ନୂଆ ବାଇ-ଲ'ରେ ଥିବା ବ୍ୟବସ୍ଥା କାର୍ଯ୍ୟକାରୀ କରାଯାଇପାରିବ ନାହିଁ ବୋଲି ମହାପାତ୍ର କହିଛନ୍ତି। ସେହିପରି ଉଦ୍ଦେଶ୍ୟମୂଳକ ଭାବେ ଆରକ୍ଷୀ ଅଧୀକ୍ଷକଙ୍କୁ କ୍ଲବର ଉପସଭାପତି ପଦରୁ ହଟାଯାଇଥିବା ସେ ଅଭିଯୋଗ କରିଛନ୍ତି। ନୂତନ ବାଇ-ଲ' ଅନୁମୋଦନ ହୋଇ ନ ଥିବାରୁ ମୂଳ ପଞ୍ଜୀକୃତ ବାଇ-ଲ'ରେ ଥିବା ବ୍ୟବସ୍ଥା ଅନୁଯାୟୀ କ୍ଲବର ନିର୍ବାଚନ ଏବଂ ପରିଚାଳନା କରାଯିବା ନିମନ୍ତେ ମହାପାତ୍ର ଦାବି କରିଛନ୍ତି।

### ଆତସବାଜି, ରୋଶଣିରେ କମ୍ପିଲା ମେଳଣ

ବଲଙ୍ଗା,୨୫।୩(ଡି.ଏନ୍.ଏ.)- ବଲଙ୍ଗା ପଞ୍ଚଦୋଳ ମେଳଣ ପଶ୍ଚିମାଭିମୁଖୀ ବକ୍ରେଶ୍ୱର ଦେବଙ୍କ ଜମାଣ ବୁଧବାର ମଧ୍ୟରାତ୍ରରୁ ଅନୁଷ୍ଠିତ ହୋଇଯାଇଛି। ଚଳିତବର୍ଷ ପଚାଶ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଯାତ୍ରାର ଥାନପତି ବକ୍ରେଶ୍ୱର ଦେବଙ୍କ ଚଳନ୍ତି ପ୍ରତିମା ଚନ୍ଦ୍ରଶେଖର, ବାଙ୍କନାଥ ଓ ଗୋପାଳଜୀଙ୍କ ସହିତ ପଞ୍ଚମୁଣ୍ଡୀ ଦୋଳ ବିମାନ ଓ ପାଲିଙ୍କିରେ ମନ୍ଦିରରୁ ବାହାରି ବିଭିନ୍ନ ସ୍ଥାନରେ ଭୋଗ ଗ୍ରହଣ କରି ଭାର୍ଗବୀ ନଦୀ କୂଳରେ ଥିବା ବାଇଶିଗୁଣ୍ଠ ମେଳଣ ପଡିଆକୁ ପାଞ୍ଚ ପ୍ରକାର ବାଦ୍ୟ, ଗୋଟିପୁଅ ନାଚ, ଛତ୍ରୀ, ତ୍ରାସ ଓ ଆଲୋକମାଳାରେ ସୁସଜ୍ଜିତ ହୋଇ ଆସିଥିଲେ। ଓଡ଼ିଶାର ଏକମାତ୍ର ବକ୍ରେଶ୍ୱର ଦେବଙ୍କ ପଞ୍ଚମୁଖୀ ବିମାନ ରହିଛି। ଏହି ବିମାନଟିକୁ ୬୪ ଜଣ ବାହକ କାନ୍ଧରେ ଆଣିଥାନ୍ତି। ଏହି ମେଳଣରେ ବିଭିନ୍ନ ଗ୍ରାମରୁ ୧୦୮ ଦୋଳ ବିମାନ ନିମନ୍ତ୍ରଣ ହୋଇଥିଲେ ମଧ୍ୟ ସେଥିମଧ୍ୟରୁ ୯୨ଟି ଦୋଳ ବିମାନରେ ହରି ଓ ହରଙ୍କ ଚଳନ୍ତି ପ୍ରତିମା ଆସି ବିଭିନ୍ନ ସ୍ଥାନରେ ଉପବିଷ୍ଟ ହୋଇଥିଲେ। ପ୍ରଥା ଅନୁଯାୟୀ ପଇଡ଼ ପଣା, ଖଇ, ଚୁଡାପୁଆ, ଚଣାଭଜା, ହୁଡୁମ୍ବ, ବିଭିନ୍ନ ପ୍ରକାର ମିଠା, ଫଳ ପ୍ରଭୃତି ୪୦ପ୍ରକାର ଶୁଖିଲା ଭୋଗ ମାଟିହାଣ୍ଡି ଓ ବାଉଁଶ ନିର୍ମିତ ଟାଙ୍ଗରାରେ ରଖାଯାଇ ନୈବେଦ୍ୟ ଅର୍ପଣ କରାଯାଇଥିଲା। ଗୁରୁବାର ରାତି ୧୦ ଘଟିକା ପରେ ମେଳଣ ପଡ଼ିଆରେ ଆତସବାଜି ପ୍ରଦର୍ଶନ କରାଯାଇଥିଲା। ଶୁକ୍ରବାର ମଧ୍ୟାହ୍ନ ୧୨ଟା ପରେ ବକ୍ରେଶ୍ୱର ଦେବ ଓ ବଡ଼ଭାଇ ସିଦ୍ଧେଶ୍ୱର ଦେବଙ୍କ ମଧ୍ୟରେ ବଲଙ୍ଗା ପ୍ରଧାନ ସାହିଠାରେ ହରିହରଙ୍କ ମଧ୍ୟରେ ଭେଟ ବହୁଆଡ଼ମ୍ବରରେ ସମ୍ପନ୍ନ ହୋଇଯାଇଛି।

## ରାଜନୈତିକ ବିବାଦରୁ ୨ ଗଣ୍ଡଗୋଳ, ୩ ଆହତ

ନିମାପଡ଼ା,୨୫।୩(ଡି.ଏନ୍.ଏ.)

ରାଜନୈତିକ ବିବାଦକୁ ନେଇ ନିମାପଡ଼ା ଏନ୍‌ଏସିରେ ୨ଟି ପୃଥକ ଗଣ୍ଡଗୋଳ ଘଟି ୩ଜଣ ଆହତ ହୋଇଛନ୍ତି । ଜଇନାବାଦ ମଲ୍ଲିକ ସାହି ଗ୍ରାମର ପିଣ୍ଟୁ ଜେନା ଘରେ ନ ଥିବାବେଳେ ଜଣେ ଯୁବକ ପିଣ୍ଟୁଙ୍କ ସ୍ତ୍ରୀଙ୍କୁ ଅସଦାଚରଣ କରିଥିଲେ। ଏଥିରେ ପିଣ୍ଟୁଙ୍କ ବାପା ଆସି ବିରୋଧ କରିବାରୁ ଯୁବକ ଜଣକ ଲୁହାରଡ଼୍ ଆଣି ୨ଜଣଙ୍କୁ ଆକ୍ରମଣ କରିଥିଲେ। ଏଥିରେ ସେମାନେ ଆହତ ହୋଇ ନିମାପଡ଼ା ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ପିଣ୍ଟୁଙ୍କ ଅଭିଯୋଗ କ୍ରମେ ପୋଲିସ ଏକ ମାମଲା (ନଂ.୮୯/୨୨) ରୁଜୁ କରି ତଦନ୍ତ ଚଳାଇଛି। ସେହିପରି ଜଇନାବାଦ ଗ୍ରାମରେ ରାଜନୀତି ପୋଷ୍ଟର ଚିରାକୁ ନେଇ ସଞ୍ଜୟ ମଲ୍ଲିକଙ୍କୁ ଗ୍ରାମର ୪ଜଣ ବ୍ୟକ୍ତି ଆକ୍ରମଣ କରିଛନ୍ତି। ଏ ନେଇ ସଞ୍ଜୟ ମଲ୍ଲିକ ଆକ୍ରମଣକାରୀଙ୍କ ବିରୋଧରେ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ କ୍ରମେ ପୋଲିସ ଏକ ମାମଲା (ନଂ.୯୦/୨୨) ରୁଜୁ କରି ତଦନ୍ତ ଚଳାଇଛି।

## ସ୍ୱାଧୀନ ନାୟକ ଜିଲା ପରିଷଦ ଉପସଭାପତି

ପୁରୀ ଅଫିସ,୨୫।୩:

ସ୍ୱାଧୀନ କୁମାର ନାୟକ ପୁରୀ ଜିଲା ପରିଷଦ ଉପ ସଭାପତି ଭାବେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ଶୁକ୍ରବାର ପୁରୀ ଜିଲା ଗ୍ରାମ୍ୟ ଉନ୍ନୟନ କାର୍ଯ୍ୟାଳୟରେ ଏହି ନିର୍ବାଚନ ପରିଚାଳିତ ହୋଇଥିଲା। ୩୩ ଆସନ ବିଶିଷ୍ଟ ଜିଲା ପରିଷଦ ମଧ୍ୟରୁ ବିଜେଡିକୁ ୩୦ ଜଣ ଜିଲା ପରିଷଦ ସଭ୍ୟ ସମର୍ଥନ ଦେଇଥିବା ବେଳେ ଭାଜପା ଜିଲା ପରିଷଦ ଉପ ସଭାପତି ପଦରେ ପ୍ରାର୍ଥୀ ଦେଇ ନ ଥିଲା। ଜିଲାରେ ଗତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ବିଜେଡିକୁ ୩୦ ଜିଲା ପରିଷଦ ଆସନ ଏବଂ ଭାଜପାକୁ ୩ଟି ଆସନ ମିଳିଥିଲା। ବିଜେଡି ପୂର୍ବରୁ ଜିଲା ପରିଷଦ ଅଧ୍ୟକ୍ଷ ପଦ ଅକ୍ତିଆର କରିସାରିଥିବାବେଳେ ଉପ ସଭାପତି ପଦ ବି ହାତେଇଛି। ଉପ ସଭାପତି ପଦ ପାଇଁ ସ୍ୱାଧୀନଙ୍କୁ ମନୋନୀତ କରାଯାଇଥିଲା। ପୁରୀ ଜିଲା ବିଜେଡି ପର୍ଯ୍ୟବେକ୍ଷକ ତଥା ଖାଦ୍ୟ ଓ ଯୋଗାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ଉପସ୍ଥିତିରେ ଜିଲା ବିଜେଡି ସ୍ୱାଧୀନଙ୍କ ନାମରେ ମୋହର ମାରିଥିଲା। ଏହାପରେ ବିଜେଡିର ସମସ୍ତ ୩୦ ଜିଲା ପରିଷଦ ସଭ୍ୟ ସ୍ୱାଧୀନଙ୍କ ସପକ୍ଷରେ ଭୋଟ ଦେଇଥିଲେ। ସ୍ୱାଧୀନ ପୂର୍ବରୁ ଅସ୍ତରଙ୍ଗ ବ୍ଲକ ଚେୟାରମ୍ୟାନ ଥିଲେ। ସେ ପୂର୍ବତନ ମନ୍ତ୍ରୀ ସୁରେନ୍ଦ୍ର ନାୟକଙ୍କ ପୁତ୍ର। ବିଜୟ ପରେ ସ୍ୱାଧୀନ କହିଛନ୍ତି, ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କୁ ପ୍ରଥମେ ଧନ୍ୟବାଦ ଜଣାଉଛି। ପୂର୍ବରୁ ଦୁଇଥର ଅସ୍ତରଙ୍ଗ ବ୍ଲକ୍ ଅଧ୍ୟକ୍ଷ ଭାବେ ଜନସାଧାରଣଙ୍କ ସେବା କରିବାର ସୁଯୋଗ ପାଇସାରିଛି। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦ ରହିଲେ, ଜିଲାର ସର୍ବାଙ୍ଗୀନ ବିକାଶ କରିବାରେ ସଫଳ ହେବି। ସାଧାରଣ ଲୋକଙ୍କ ସହ ବିଜେଡି ସବୁବେଳେ ରହିଛି ବୋଲି ସେ ପ୍ରକାଶ କରିଛନ୍ତି।



ନବ ନିର୍ବାଚିତ ଜିଲା ପରିଷଦ ଉପସଭାପତି ସ୍ୱାଧୀନ ନାୟକଙ୍କ ସମେତ ଅନ୍ୟମାନେ ।

## ଫିଜିଓଥେରାପି ଚିକିତ୍ସା ଶିବିର

ପୁରୀ ଅଫିସ, ୨୫।୩:

ରୋଟାରି କ୍ଲବ ଅଫ୍ ପୁରୀ ସାଗର ପକ୍ଷରୁ ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ମାଗଣା ଫିଜିଓଥେରାପି ଭୌତିକ ଚିକିତ୍ସା ଶିବିର ଉଦ୍‌ଘାଟିତ ହୋଇଛି। ଏହି ତିନିଦିନିଆ ଶିବିରକୁ ଜିଲାପାଳ ସମର୍ଥ ବର୍ମା ଉଦ୍‌ଘାଟନ କରିଥିଲେ। କ୍ଲବ ସଭାପତି ସରୋଜ କୁମାର ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଶ୍ରୀମନ୍ଦିର ଭିତରଛୁ ଭବାନୀ ପ୍ରସାଦ ମହାପାତ୍ର, ସମ୍ପାଦକ ଅରୁଣ କୁମାର ଗଜେନ୍ଦ୍ର ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ରୋଟାରିଆନ ଶ୍ୟାମ କାହ୍ନା ପଟ୍ଟନାୟକଙ୍କ ପରିଚାଳନାରେ ଜିଲାପାଳ ବର୍ମା ଏଠାରେ ଅଭିଜ୍ଞ ଚିକିତ୍ସକ କୈଳାସ କୁମାର, ଅନୀଲ ଯାଦବ, ରୋହିତ କୁମାର ଓ ହରପାଲ୍ ଚରଣ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରିଥିଲେ। କ୍ଲବ୍ ଚାର୍ଟରେ ସଭାପତି ରୋଟାରିଆନ ଅଶୋକ ପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଉପସ୍ଥିତ ରୋଗୀଙ୍କର ଆଣ୍ଠୁବିନ୍ଧା, ବେକ ଯନ୍ତ୍ରଣା, ପାଦତଳ ଜ୍ୱଳନ ହେବା, ଅଣ୍ଟାବିନ୍ଧା, ହାତ ଉପରକୁ ଉଠାଇ ନ ହେବା, କହୁଣିରେ ଯନ୍ତ୍ରଣା ଓ ସାଇଟିକା ଭଳି ରୋଗର ସଫଳ ଉପଚାର କରାଯାଇଥିଲା। ରୋଟାରିଆନ ପ୍ରମୋଦ ସ୍ୱାଇଁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଆସନ୍ତା ଦୁଇଦିନ ପୂର୍ବାହ୍ନ ୯.୩୦ରୁ ଅପରାହ୍ନ ୧ଟା ଏବଂ ଅପରାହ୍ନ ୩ରୁ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ଶିବିର ଚାଲିବ।

## ରାସ୍ତା ନ ଥିବାରୁ ପହଞ୍ଚି ପାରିଲାନି ଦମକଳ

### ୮ ବଖରା ଜଳିଗଲା

କୋଣାର୍କ,୨୫।୩(ଡି.ଏନ୍.ଏ.)

କୋଣାର୍କ ଥାନା ଅଧୀନ କୁରୁଜଙ୍ଗ ପଞ୍ଚାୟତର ତାଳସୁଆଁ ଗ୍ରାମର ବାରିକ ସାହିରେ ଗୁରୁବାର ବିଳମ୍ବିତ ରାତ୍ରିରେ ଶର୍ଟସର୍କିଟ ଯୋଗୁ ଅଗ୍ନିକାଣ୍ଡ ଘଟି ୩ ପରିବାରର ୮ ବଖରା ଜଳିଯାଇଛି। ପ୍ରକାଶ ଯେ, ତାଳସୁଆଁ ଗ୍ରାମର ମନୋଜ ବାରିକ, ପ୍ରଶାନ୍ତ ବାରିକ ଓ ବାବୁଲି ବାରିକଙ୍କ ଘରେ ବିଳମ୍ବିତ ରାତିରେ ଶର୍ଟସର୍କିଟ ହୋଇ ନିଆଁ ଲାଗିଥିଲା। ପରିବାର ଲୋକ ଜାଣି ବାହାରକୁ ଆସି ପଡ଼ୋଶୀଙ୍କୁ ଡାକି ପାଣି ପକାଇଥିଲେ। ଖବର ପାଇ ଚନ୍ଦ୍ରାହର ଅଗ୍ନିଶମ ବାହିନୀ ଉକ୍ତ ଗ୍ରାମରେ ପହଞ୍ଚିଥିଲେ ମଧ୍ୟ ଉକ୍ତ ସାହିକୁ ଯିବା ପାଇଁ ରାସ୍ତା ନ ଥିବା ହେତୁ ଘଟଣାସ୍ଥଳରେ ପହଞ୍ଚିବାରେ ବିଳମ୍ବ ହୋଇଥିଲା। ଅଗ୍ନିଶମ ବିଭାଗ ନିଆଁକୁ ଆୟତ୍ତ କରିବା ବେଳକୁ ସମ୍ପୃକ୍ତ ୩ ପରିବାରର ୮ବଖରା ସହ ଧାନ, ଚାଉଳ, ଆସବାବପତ୍ର, ଲୁଗାପଟା ସମେତ ଅନ୍ୟାନ୍ୟ ସାମଗ୍ରୀ ପୋଡି ଭସ୍ମୀଭୂତ ହୋଇଯାଇଥିଲା। ଶର୍ଟସର୍କିଟରୁ ଅଗ୍ନିକାଣ୍ଡ ଘଟିଥିବା ବେଳେ ସମ୍ପୃକ୍ତ ପରିବାର ସଦସ୍ୟଙ୍କ ଘରେ ଥିବା ଗ୍ୟାସ ସିଲିଣ୍ଡର ଫାଟି ଅଗ୍ନିକାଣ୍ଡ ଉଗ୍ରରୂପ ନେଇ ବ୍ୟାପକ କ୍ଷୟକ୍ଷତି ଘଟାଇଥିଲା। ଶୁକ୍ରବାର କାକଟପୁର ତହସିଲଦାର ବିରଞ୍ଚି ନାରାୟଣ ବେହେରା ଓ କାକଟପୁର ବ୍ଲକ ଅଧ୍ୟକ୍ଷ ଶ୍ରୀଧର ନାୟକ ଘଟଣାସ୍ଥଳରେ ପହଞ୍ଚି ଅଗ୍ନିପିଡ଼ିତଙ୍କୁ ସମବେଦନା ଜଣାଇବା ସହ ଘଟଣାର ଅନୁଧ୍ୟାନ କରିଥିଲେ। ତହସିଲଦାର ବେହେରା ସମ୍ପୃକ୍ତ ପରିବାର ସଦସ୍ୟଙ୍କୁ ସରକାରୀ ରିଲିଫ କୋଡ୍ ଅନୁଯାୟୀ ସହାୟତା ପ୍ରଦାନ କରାଯିବା ସହ ସାତଦିନ ପାଇଁ ରିଲିଫ ଓ ଆନୁଷଙ୍ଗିକ ସାମଗ୍ରୀ ପ୍ରଦାନ କରାଯିବ ବୋଲି ସୂଚନା ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ବ୍ଲକ ଅଧ୍ୟକ୍ଷ ଶ୍ରୀଧର ନାୟକ ୩ ଅଗ୍ନି ବିପନ୍ନ ପରିବାରଙ୍କୁ ୩ହଜାର ଟଙ୍କାର ସହାୟତା ପ୍ରଦାନ କରିଛନ୍ତି। ଏହି ସମୟରେ କୁରୁଜଙ୍ଗ ସରପଞ୍ଚ ରୂପାଲି କାଣ୍ଡି ଓ ଚିତ୍ରେଶ୍ୱରୀ ରାଜସ୍ୱ ନିରୀକ୍ଷକ ପ୍ରଭାତ କୁମାର କୁଣ୍ଡୁ ପ୍ରମୁଖ ଉପସ୍ଥିତ ଥିଲେ।

## ପ୍ରସ୍ତାବିତ ମଦ ଦୋକାନ ବିରୋଧରେ ରାସ୍ତାରୋକୋ

କାକଟପୁର,୨୫।୩(ଡି.ଏନ୍.ଏ.)

କାକଟପୁର ବ୍ଲକ କଣ୍ଟାପଡା ପଞ୍ଚାୟତର ବଲରାରେ ପ୍ରସ୍ତାବିତ ଠିପି ଖୋଲା ମଦ ଦୋକାନ ଖୋଲିବାକୁ ନିଷ୍ପତ୍ତି ହୋଇଛି। ତେବେ ଏହାକୁ ଗ୍ରାମବାସୀ ବିରୋଧ କରିବା ସହ ବଲରାରେ ମଦ ଦୋକାନ ନ କରିବାକୁ ଦାବି କରି ଗ୍ରାମ ମୁଖ୍ୟ ରାସ୍ତା ଅବରୋଧ କରିଥିଲେ। ପ୍ରାୟ ୩ ଘଣ୍ଟା ଧରି ରାସ୍ତାରୋକୋ ଯୋଗୁ ଗାଡ଼ିମୋଟର ଚଳାଚଳରେ ବାଧା ସୃଷ୍ଟି ହୋଇଥିଲା। ଖବରପାଇ ପୋଲିସ ଏବଂ ତହସିଲଦାର ବିରଞ୍ଚି ନାରାୟଣ ବେହେରା ଘଟଣାସ୍ଥଳରେ ପହଞ୍ଚି ଗ୍ରାମବାସୀଙ୍କୁ ବୁଝାସୁଝା କରିଥିଲେ। ଏଥିସହ ଆଗାମୀ ୭ଦିନ ମଧ୍ୟରେ ଘଟଣାର ସମାଧାନ କରିବା ପାଇଁ ପ୍ରତିଶ୍ରୁତି ଦେବା ପରେ ଗ୍ରାମବାସୀ ରାସ୍ତାରୋକୋରୁ ଓହରିଥିଲେ। ଏହାପରେ ଉଭୟ ପାର୍ଶ୍ୱରେ ଗାଡ଼ି ଚଳାଚଳ ସ୍ୱାଭାବିକ ହୋଇଥିଲା। ପ୍ରକାଶ ଯେ, ବଲରା ଗ୍ରାମରେ ଏକ ମଦ ଦୋକାନ ଖୋଲିବାକୁ ନେଇ ଯୋଜନା ଚାଲିଛି। ତେବେ ଏହି କଥା ଗ୍ରାମବାସୀ ଜାଣିବା ପରେ ଏହାକୁ ବିରୋଧ କରିଥିଲେ। ଗ୍ରାମରେ ମଦ ଦୋକାନ ହେବା ପରେ ଯୁବପିଢ଼ି ପଥଭ୍ରଷ୍ଟ ହେବା ସହ ଅସାମାଜିକ ଲୋକଙ୍କ ଯୋଗୁ ମହିଳା, ଯୁବତୀମାନଙ୍କ ଯିବାଆସିବାରେ ଅସୁବିଧା ହେବ। ତେଣୁ ଏଠାରେ ମଦ ଦୋକାନ ନ ଖୋଲିବାକୁ ଦାବି କରି ଶୁକ୍ରବାର ଶତାଧିକ ମହିଳା, ପୁରୁଷ ଏବଂ ବିଭିନ୍ନ ସଂଗଠନ ମିଶି ଗ୍ରାମ ମୁଖ୍ୟରାସ୍ତାକୁ ଅବରୋଧ କରିଥିଲେ। ଧାରଣାର ନେତୃତ୍ୱ ବିପିନ ଜେନା, ତପନ କାଣ୍ଡି, ସୌମ୍ୟକାନ୍ତ ଖୁଣ୍ଟିଆ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ବିପିନ ବିହାରୀ ମହାନ୍ତି ପ୍ରମୁଖ ନେଇଥିଲେ।




ଗ୍ରାମବାସୀ ମୁଖ୍ୟରାସ୍ତା ଅବରୋଧ କରିଛନ୍ତି ।

## ଆଜି ପୁରୀ ଓକିଲ ସଂଘ ନିର୍ବାଚନ

### ସଭାପତି, ସମ୍ପାଦକ ପଦ ପାଇଁ ତ୍ରିମୁଖୀ ଲଢ଼େଇ

ପୁରୀ ଅଫିସ, ୨୫।୩:

ପୁରୀ ଜିଲା ଓକିଲ ସଂଘର ନିର୍ବାଚନ ଶନିବାର ଅନୁଷ୍ଠିତ ହେବ। ଏଥିପାଇଁ ପୂର୍ବାହ୍ନ ୮ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଭୋଟ ଗ୍ରହଣ କରାଯିବ। ୨୦୨୨-୨୩ ବର୍ଷ ପାଇଁ ହେବାକୁ ଥିବା ଏହି ନିର୍ବାଚନରେ ବିଭିନ୍ନ ପଦବୀ ଲାଗି ୧୨୯୧ ଜଣ ସଦସ୍ୟ ମତଦାନ କରିବେ। ସଭାପତି ପଦ ନିମନ୍ତେ ଅଶୋକ କୁମାର ଦାସ, ଜୟରାମ ବସ୍ତିଆ ଏବଂ ରବିନାରାୟଣ ପ୍ରଧାନଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହେବ। ସେହିପରି ଉପସଭାପତି ପଦ ପାଇଁ ଦେବେନ୍ଦ୍ର କୁମାର ନନ୍ଦ ଏବଂ କାଳିପ୍ରସାଦ ନାୟକ ମଇଦାନରେ ଅବତୀର୍ଣ୍ଣ ହୋଇଛନ୍ତି। ସାଧାରଣ ସମ୍ପାଦକ ପଦ ଲାଗି ଆତ୍ମାରଞ୍ଜନ ମହାନ୍ତି, ବିଭୂତି ଶଙ୍କର ତ୍ରିପାଠୀ ଏବଂ କୃଷ୍ଣଚନ୍ଦ୍ର ତ୍ରିପାଠୀଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହେବ। ଯୁଗ୍ମସମ୍ପାଦକ ପଦ ସକାଶେ ଅଶୋକ କୁମାର ପାଣିଗ୍ରାହୀ, ବିଭୁଦତ୍ତ ପଟ୍ଟନାୟକ, ଚିତ୍ତରଞ୍ଜନ ବିଶ୍ୱାଳ, ପ୍ରଶାନ୍ତ କୁମାର ରଣା, ସଂଗ୍ରାମ କେଶରୀ ଦାଶ ଏବଂ ସୁରେଶ ମହାପାତ୍ର ଲଢ଼ୁଛନ୍ତି। ସେହିପରି କାର୍ଯ୍ୟକାରୀ କମିଟି ସଦସ୍ୟ ପଦ ଲାଗି ଅଭିଷେକ ରଥ, ଅନିଲ କୁମାର ସାହୁ, ଭାଗବତ ପ୍ରସାଦ ପଟ୍ଟନାୟକ, ବିଶ୍ୱଭୂଷଣ ବାରିକ, ସୋମନାଥ ରଣା ଏବଂ ତପନ କୁମାର ବାରିକ ମଇଦାନରେ ରହିଛନ୍ତି। ସଭାପତି, ଉପସଭାପତି ଓ ସାଧାରଣ ସମ୍ପାଦକ ପଦ ପାଇଁ ଜଣେ ଲେଖାଏ, ଯୁଗ୍ମସମ୍ପାଦକ ପଦ ଲାଗି ୩ଜଣ ଏବଂ କାର୍ଯ୍ୟକାରୀ କମିଟି ସଦସ୍ୟ ପଦ ପାଇଁ ୫ଜଣ ନିର୍ବାଚିତ ହେବେ। ନିର୍ବାଚନ ଅଧିକାରୀ ଭାବେ ପ୍ରଦୀପ କୁମାର ରଥ ନିର୍ବାଚନ ପରିଚାଳନା କରିବେ। ମତଦାନ ପରେ ଭୋଟ ଗଣତି ହୋଇ ଫଳାଫଳ ପ୍ରକାଶ ପାଇବ।

## ଶ୍ରୀମନ୍ଦିର ସୁରକ୍ଷା ନେଇ ଜିଲାପାଳଙ୍କୁ ଦାବିପତ୍ର

ପୁରୀ ଅଫିସ, ୨୫।୩:

ଶ୍ରୀମନ୍ଦିରରେ ସୃଷ୍ଟି ହୋଇଥିବା ଫାଟଗୁଡ଼ିକର ତୁରନ୍ତ ମରାମତି ଦାବିରେ ସାହିଭାଇ ଅନୁଷ୍ଠାନ ପକ୍ଷରୁ ଶୁକ୍ରବାର ଜିଲାପାଳ ସମର୍ଥ ବର୍ମାଙ୍କୁ ଏକ ଦାବିପତ୍ର ଦିଆଯାଇଛି। ଏଥିରେ ଉଲ୍ଲେଖ ହୋଇଛି ଯେ, ନାଟମଣ୍ଡପ, ଜଗମୋହନ ଓ ରତ୍ନଭଣ୍ଡାର ସମୀପସ୍ଥ କାନ୍ଥ ଆଦି ସ୍ଥାନରେ ଫାଟମାନ ସୃଷ୍ଟି ହୋଇଛି, ଯାହା ଖାଲି ଆଖିକୁ ଦେଖାଯାଉଛି। ଶ୍ରୀମନ୍ଦିର ସୁରକ୍ଷା ଦୃଷ୍ଟିରୁ ଏହି ଫାଟଗୁଡ଼ିକର କାରଣ ତର୍ଜମା କରାଯାଇ ତୁରନ୍ତ ମରାମତି ପ୍ରତି ଧ୍ୟାନ ଦିଆଯିବା ଉଚିତ। ସେହିପରି ଶ୍ରୀମନ୍ଦିର ଚତୁଃପାର୍ଶ୍ୱରେ ଅତ୍ୟାଧୁନିକ ଯନ୍ତ୍ରପାତି ବ୍ୟବହାର କରାଯାଇ ଅବୈଧ ଖନନ ଏବଂ ନିର୍ମାଣ କାର୍ଯ୍ୟ ଦ୍ୱାରା ଶ୍ରୀମନ୍ଦିର ଭିତ୍ତିଭୂମି ପ୍ରତି ବିପଦ ସୃଷ୍ଟି ହେଉଛି। ତେଣୁ ବେଆଇନ କାର୍ଯ୍ୟ ବନ୍ଦ କରାଯିବାକୁ ଦାବି କରାଯାଇଛି। ସାହିଭାଇ ସମ୍ପାଦକ ଚନ୍ଦ୍ରଶେଖର ମିଶ୍ର, କାର୍ଯ୍ୟକାରୀ ସଭାପତି ବ୍ରଜବନ୍ଧୁ ମହାରଣା, ସଙ୍ଗଠନ ସମ୍ପାଦକ ଦୀପକ କୁମାର ଜେନା ଏବଂ ସହସମ୍ପାଦକ ସତ୍ୟକାମ ସାହୁ ପ୍ରମୁଖ ଦାବିପତ୍ର ପ୍ରଦାନ ଅବସରରେ ଉପସ୍ଥିତ ଥିଲେ।

## ୩ୟ ଦିନରେ ପଞ୍ଚୁପାଣ୍ଡବ ମେଳଣ

ବ୍ରହ୍ମଗିରି,୨୫।୩(ଡି.ଏନ୍.ଏ.)

ବ୍ରହ୍ମଗିରି ପଞ୍ଚୁପାଣ୍ଡବ ମେଳଣ ବୁଧବାରଠାରୁ ଆରମ୍ଭ ହୋଇଥିବା ବେଳେ ଶୁକ୍ରବାର ତୃତୀୟ ଦିନରେ ପହଞ୍ଚିଛି। ବୁଧବାର ମଧ୍ୟରାତ୍ରରୁ ଥାନପତି ଗୋପୀନାଥ ଦେବ ଓ ପଞ୍ଚୁପାଣ୍ଡବ ଭାଇଙ୍କୁ ଏକ ଶୋଭାଯାତ୍ରାରେ ମେଳଣ କୁଞ୍ଜକୁ ନିଆଯାଇଥିଲା। ଗୋଟିଏ ଦିନରେ ପଞ୍ଚୁପାଣ୍ଡବଙ୍କ ସହ ଭଗବାନ ଶ୍ରୀକୃଷ୍ଣଙ୍କୁ ଦର୍ଶନ କଲେ କୋଟି ପୁଣ୍ୟ ମିଳିଥାଏ। ଏହି ଲକ୍ଷ୍ୟ ନେଇ ଆୟୋଜିତ ଏହି ମେଳଣରେ ୧୦୮ ଦୋଳର ମିଳନ ହୋଇଥାଏ। ବ୍ରହ୍ମଗିରିରେ ଏହି ମେଳଣ ସ୍ଥାନୀୟ ଭାଇଚାରାକୁ ଗୋଟିଏ ସୂତାରେ ବାନ୍ଧି ରଖିପାରିଛି। ଏହି ମେଳଣର ମୁଖ୍ୟ ଆକର୍ଷଣ ହେଉଛି ସାହିଯାତ। ସନ୍ଧ୍ୟା ସମୟରେ ଉକ୍ତ ଗ୍ରାମର ବିଭିନ୍ନ ସାହିରୁ ନାଗା ମେଢ ସହିତ ସାହିଯାତ ବାହାରି ଥିଲା। ଏହାକୁ ଦେଖିବାକୁ ବହୁ ଜନସମାଗମ ହୋଇଥିଲା।



## ଆଜି ପୋଷଲରେ ଦିଅଁ ମେଳଣ

ଡେଲାଙ୍ଗ,୨୫।୩(ଡି.ଏନ୍.ଏ.)

ଡେଲାଙ୍ଗ ବ୍ଲକ ଅନ୍ତର୍ଗତ ଜେନାପୁର ପଞ୍ଚାୟତର ପୋଷଲ ପଞ୍ଚଦୋଳ ମେଳଣର ଜମାଣ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଜମାଣ ଉତ୍ସବରେ ଘଣ୍ଟ, ଘଣ୍ଟା, ତୁରୀ, କାହାଳି, ଢୋଲ ବାଜିବା ସହିତ ଓ ହରିବୋଲ ହୁଳହୁଳିରେ ମେଳଣ ପଡ଼ିଆ ପ୍ରକମ୍ପିତ ହୋଇଥିଲା। ଏହି ଜମାଣ ଉତ୍ସବ ଦେଖିବାକୁ ଆଖପାଖ ଅଞ୍ଚଳର ଶତାଧିକ ମହିଳା ଓ ପୁରୁଷ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ଜମାଣର ୨ ଦିନ ପରେ ତଥା ଶନିବାର ଅପରାହ୍ନ ୩ଟାରେ ଦିଅଁ ମେଳଣ ଅନୁଷ୍ଠିତ ହେବ। ଏହି ପଞ୍ଚଦୋଳ ମେଳଣଟି ୧୬ଶହ ଖ୍ରୀଷ୍ଟାବ୍ଦରୁ ହୋଇଆସୁଥିବା ସ୍ଥାନୀୟ ଲୋକ କୁହନ୍ତି। ପୋଷଲ ଗ୍ରାମର ଆରାଧ୍ୟ ଶ୍ରୀଚନ୍ଦ୍ରଶେଖର ଦେବ ଏହି ମେଳଣର ସ୍ଥାନାଧିପତି ଅଟନ୍ତି। ଠାକୁରଙ୍କ ଚଳନ୍ତି ପ୍ରତିମା ଦୋଳବିମାନରେ ବିଜେ କରି ଖୁଣ୍ଟିଲାଗି ହୋଇଥାନ୍ତି।



ପୋଷଲ ବିମାନ ପଡିଆକୁ ଆସିଥିବା ଠାକୁର ।

ପିଢ଼ପାଟଣା ଗ୍ରାମର ବାବା ବାଙ୍କେଶ୍ୱର ଦେବ, ସେବକସାହୁ ପଟଣା ରାଧାମୋହନ ଦେବ, ଗୋବିନ୍ଦପୁରର ନୀଳକଣ୍ଠେଶ୍ୱର ଦେବ, ପୋଡଙ୍ଗ, ଡେଇସିପୁର, ଥେଣ୍ଟଣା, ପୋଷଲ, ଟୋଲାପଡା ଗ୍ରାମର ମହାଦେବ ସହିତ ବାସୁଦେବ ପ୍ରାୟ ୨୧ରୁ ଉର୍ଦ୍ଧ୍ୱ ଦୋଳ ବିମାନରେ ଏହି ମେଳଣକୁ ଆସି ଖୁଣ୍ଟିଲାଗି ହୋଇଥାନ୍ତି। ଶେଷଦିନ ପଣ୍ଡିଭୋଗ ପରେ ଗୋପୀନାଥ ଦେବ ଓ ବାବା ଚନ୍ଦ୍ରଶେଖର ଦେବଙ୍କ ମଧ୍ୟରେ ହରିହର ଭେଟ କରାଯିବ। ଏହି ସମୟରେ ମାନସିକଧାରୀମାନେ ଠାକୁରଙ୍କ ବିମାନ ଉପରକୁ ଫଗୁ ପକାଇଥାନ୍ତି। ଅନେକ ବର୍ଷ ତଳେ ବଣିକମାନେ ରତ୍ନଚିରା ନଦୀରେ ସିଂହଳ ଦୀପକୁ ଡଙ୍ଗା ଦ୍ୱାରା ବାଣିଜ୍ୟ କରିବାକୁ ଯାଆନ୍ତି। ଡଙ୍ଗାଟି ଏହି ସ୍ଥାନରେ ଅଟକି ଯାଇଥିଲା। ଅନେକ ଚେଷ୍ଟା ସତ୍ତ୍ୱେ ବଣକମାନଙ୍କ ଡଙ୍ଗା ଆଗକୁ ବଢି ନ ଥିଲା। ରାତିପାହି ସକାଳ ହେବାପରେ ଡଙ୍ଗାଟି ଏକ ପଥର ଲିଙ୍ଗରେ ଲାଗିଥିବା ଦେଖିବାକୁ ପାଇଥିଲେ। ପରେ ବଣିକମାନଙ୍କୁ ସ୍ୱପ୍ନାଦେଶ ପରେ ଏହି ପୀଠର ଅଲୌକିକ ଶକ୍ତି ଜାଣିବାକୁ ପାଇଥିଲେ। ଡଙ୍ଗା ଅଟକି ରହିଥିବା ସ୍ଥାନରେ ମହାଦେବ ଚନ୍ଦ୍ରଶେଖର ନାମରେ ନାମିତ କରାଯାଇ ମନ୍ଦିର ନିର୍ମାଣ କରାଯାଇଥିଲା ବୋଲି ପୁରୁଣା କିମ୍ବଦନ୍ତୀ ରହିଥିବା ଠାକୁରଙ୍କ ସେବାୟତମାନେ କୁହନ୍ତି। ମେଳଣ କମିଟି ସଭାପତି ଟୁକୁନା ମହାପାତ୍ର, ସମ୍ପାଦକ ପବିତ୍ର ପଟ୍ଟନାୟକ, ଶୁବଳ ସ୍ୱାଇଁ, ରମେଶ କରଙ୍କ ସହିତ ଗ୍ରାମବାସୀଙ୍କ ସହଯୋଗରେ ଶାନ୍ତିଶୃଙ୍ଖଳାର ସହ ପରିଚାଳନା କରିବା ପାଇଁ ଲକ୍ଷ୍ୟ ରଖାଯାଇଛି।

# ଆଜି ୭୦ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଣ୍ଣୟ

**ଖୋର୍ଦ୍ଧା ପୌରାଞ୍ଚଳ**

**ଖୋର୍ଦ୍ଧା ଅଫିସ,୨୫।୩**

ପୌର ନିର୍ବାଚନ ଭୋଟଗଣତି ପାଇଁ ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ଖୋର୍ଦ୍ଧା ପୌରାଞ୍ଚଳର ୩ ପୌରାଧ୍ୟକ୍ଷ ଓ ୬୭ କାଉନସିଲର ମୋଟ ୭୦ ପ୍ରାର୍ଥୀଙ୍କ ଶନିବାର ଭାଗ୍ୟ ନିର୍ଦ୍ଧାରଣ ହେବ। ଚଳିତ ବର୍ଷ ପୌର ଅଧ୍ୟକ୍ଷ ପାଇଁ ସିଧାସଳଖ ଭୋଟ ହୋଇଥିବାରୁ ଭୋଟର କାହାକୁ ଅଧ୍ୟକ୍ଷ ଭାବେ ବାଛିଛନ୍ତି, ତାହାକୁ ନେଇ ସବୁଠି ରହିଛି ଉତ୍କଣ୍ଠା।

ଏହି ପୌରାଞ୍ଚଳରେ ଜନତାଙ୍କ ଜନାଦେଶ କାହା ସପକ୍ଷରେ ଆସିବ, ତାକୁ ନେଇ ବିଭିନ୍ନ ରାଜନୈତିକ ଦଳ ନିଜ ମତ ରଖିଛନ୍ତି। ଏନେଇ ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର କୁହନ୍ତି, ଚଳିତ ପୌର ନିର୍ବାଚନରେ ଶାସକ ଦଳ ବିଜେଡି ବହୁମତ ହାସଲ କରିବ। ପୌରାଞ୍ଚଳର ୨୨ୱାର୍ଡରୁ ୨୦ଟିରେ ବିଜେଡିର କାଉନସିଲର ପ୍ରାର୍ଥୀ ବିଜୟୀ ହେବେ। ପୌରାଧକ୍ଷା ପ୍ରାର୍ଥୀ କନକଲକ୍ଷ୍ମୀ ମହାନ୍ତି ୫ହଜାର ଭୋଟ ବ୍ୟବଧାନରେ ବିଜୟୀ ହେବେ ବୋଲି କହିଛନ୍ତି। ସେହିପରି ବେଗୁନିଆ ବିଧାୟକ ରାଜେନ୍ଦ୍ର କୁମାର ସାହୁ କହିଛନ୍ତି, ବିଜେଡି ପ୍ରତି ଲୋକଙ୍କ ଭଲପାଇବା ରହିଛି। ସବୁଠି ଦଳୀୟ ପ୍ରାର୍ଥୀ ବିଜୟ ଲାଭ କରିବେ। ପୌର ଦଖଲ ସହିତ ପଞ୍ଚାୟତ ସଫଳତା ହୋହରାଇବାକୁ ଦମ୍ଭୋକ୍ତି ପ୍ରକାଶ କରିଛନ୍ତି ରାଜ୍ୟ ସଭା ସଦସ୍ୟ ମୁନା ଖାନ। ଅନ୍ୟପଟେ ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କାଳୁଚରଣ ଖଣ୍ଡାୟତରାୟ କୁହନ୍ତି, ୧୦ଟି କାଉନସିଲର ଏବଂ ଅଧକ୍ଷା ପ୍ରାର୍ଥୀ କୁନିଲତା ସ୍ୱାଇଁ ୩ରୁ ୪ହଜାର ଭୋଟ ବ୍ୟବଧାନରେ ବିଜୟୀ ହେବେ। ସେହିପରି କଂଗ୍ରେସ ନଗର ସଭାପତି ରଣଜିତ ମହାପାତ୍ର କୁହନ୍ତି, ପଞ୍ଚାୟତ ନିର୍ବାଚନରେ ଦଳ ବିଜୟ ଲାଭ କରିନଥିଲେ ମଧ୍ୟ ପୌରରେ ୪ଟି ଆସନରେ କାଉନସିଲର ଏବଂ ପୌରାଧକ୍ଷା ପ୍ରାର୍ଥୀ ବିନୋଦିନୀ ମହାପାତ୍ରଙ୍କ ପ୍ରତି ଜନାଦେଶ ଯିବ ବୋଲି ସେ କହିଛନ୍ତି। ଅନ୍ୟପଟେ କଂଗ୍ରେସ ପ୍ରତି ଜନାଦେଶ ରହିଥିବା କହିଛନ୍ତି ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ। ସାମାଜିକ କର୍ମୀ ଧନେଶ୍ୱର ବିଧାର କୁହନ୍ତି, ୩ବର୍ଷ ପରେ ପୌର ନିର୍ବାଚନ ଅନୁଷ୍ଠିତ ହୋଇଛି। ଏଥର ଜନାଦେଶ ସ୍ଥିତି ଭିନ୍ନ ରହିଛି। କିଏ ପୌରାଧକ୍ଷା ହେବେ, ତାହାକୁ ନେଇ କଳ୍ପନାଜଳ୍ପନା ରହିଛି। ବରିଷ୍ଠ ଖବରଦାତା ଶୁଭ୍ରରଞ୍ଜନ ଦାସ କୁହନ୍ତି, ୩ ପ୍ରମୁଖ ରାଜନୈତିକ ଦଳ ମଧ୍ୟରେ କଣ୍ଟା ଟକ୍କର ହୋଇଛି। ବିଜେଡି ପ୍ରତି ବହୁମତ ରହିଥିଲେ ମଧ୍ୟ ବିରୋଧୀ ଭାଜପା ଓ କଂଗ୍ରେସ ଶାସକ ଦଳକୁ କଣ୍ଟା ଟକ୍କର ଦେଇଛନ୍ତି। ତେଣୁ ଜନାଦେଶ କାହା ପ୍ରତି ରହିଛି କହିବା ସମ୍ଭବପର ନୁହଁ। ବରିଷ୍ଠ ବୁଦ୍ଧିଜୀବୀ ବିମଳ ଷଡ଼ଙ୍ଗୀ କୁହନ୍ତି, ବିଜେଡିର ଦୁଇ ବିଧାୟକ ଶେଷ ମୁହୂର୍ତ୍ତରେ ମିଳିତଭାବେ ଦଳ ପାଇଁ ପ୍ରଚାର କରିଥିଲେ। ତେଣୁ ଦଳୀୟ କର୍ମୀଙ୍କ ମଧ୍ୟରେ ଉତ୍ସାହ ରହିଥିଲା। ନିର୍ବାଚନରେ ଏହାର ପ୍ରତିଫଳ ହେବ ବୋଲି ଆଶା କରାଯାଉଛି। ଅନ୍ୟପଟେ ଅଧକ୍ଷା ପଦବୀ ପାଇଁ ବିଜେଡି ଏବଂ ଭାଜପା ମଧ୍ୟରେ କଡା ଟକ୍କର ହେଉଛି। ବିଜେଡି ପୌରାଧକ୍ଷା ପ୍ରାର୍ଥୀ କନକଲକ୍ଷ୍ମୀ ରାଜନୈତିକ ପରିବାରରୁ ଆସିଥିବା ବେଳେ ଭାଜପା ପ୍ରାର୍ଥୀ କୁନିଲତା ଜଣେ ଅଭିଜ୍ଞ ରାଜନୈତିଜ୍ଞ। ୩ଥର କାଉନସିଲର ସହିତ ଥରେ ଉପାଧକ୍ଷ ମଧ୍ୟ ରହିଥିଲେ। ତେବେ ଶନିବାର ଭୋଟ ଗଣତି ଉପରେ ସମସ୍ତଙ୍କ ନଜର ରହିଛି। ୨୦୧୩ରେ ଖୋର୍ଦ୍ଧା ବିଜେଡି ଦଖଲରେ ରହିଥିବା ବେଳେ ୨୦୨୨ରେ ଜନତାଙ୍କ ପ୍ରଥମ ପସନ୍ଦ କିଏ ଫଳାଫଳରୁ ଜଣାପଡିବ ବୋଲି ଆଲୋଚନା ହେଉଛି।


ପୌରାଧକ୍ଷା ପ୍ରାର୍ଥୀ ବିଜେଡିର କନକଲକ୍ଷ୍ମୀ ମହାନ୍ତି, ଭାଜପାର କୁନିଲତା ସ୍ୱାଇଁ ଓ କଂଗ୍ରେସର ବିନୋଦିନୀ ମହାପାତ୍ର।

## ଆଜି ଓକିଲ ସଂଘ ନିର୍ବାଚନ

**ଖୋର୍ଦ୍ଧା ଅଫିସ,୨୫।୩**

ଖୋର୍ଦ୍ଧା ଓକିଲ ସଂଘ-୨୦୨୨ ଲାଗି ଶନିବାର ନିର୍ବାଚନ ଅନୁଷ୍ଠିତ ହେବ। ଚଳିତ ନିର୍ବାଚନରେ ସଭାପତି ଦୌଡରେ ବିଜୟ କୁମାର ସାମନ୍ତସିଂହାର ଓ ନୃସିଂହନାଥ ମିଶ୍ରଙ୍କ ମଧ୍ୟରେ ଟକ୍କର ହେବ। ଉପସଭାପତି ପାଇଁ ପ୍ରଭାତ ବେହେରା ଓ ପୁଷ୍ପାଞ୍ଜଳି ମହାପାତ୍ର ପ୍ରାର୍ଥୀ ରହିଛନ୍ତି। ସମ୍ପାଦକ ଦୌଡରେ ୫ଜଣ ପ୍ରାର୍ଥୀ ରହିଛନ୍ତି। ପୂର୍ବତନ ସମ୍ପାଦକ ସଞ୍ଜୟ ପଟ୍ଟନାୟକ ପୁଣି ଥରେ ସମ୍ପାଦକ ପାଇଁ ଲଢୁଛନ୍ତି। ଏଥିସହିତ ବିଭାସ ଚନ୍ଦ୍ର ମହାପାତ୍ର, ନିରଞ୍ଜନ ବେହେରା, ପ୍ରଦୀପ ଦଳାଇ, ପ୍ରଦୀପ୍ତ ମିଶ୍ର ପ୍ରମୁଖ ରହିଛନ୍ତି। ଯୁଗ୍ମ ସମ୍ପାଦକ ବିକ୍ରମ କେଶରୀ ଛୁଆଳସିଂ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। କାର୍ଯ୍ୟକାରିଣୀ ସଦସ୍ୟ(ସିନିୟର) ଭାବେ ଅଜିତ ମିଶ୍ର, ଆଲୋକ ସିଂ, ମନୋରଞ୍ଜନ ପଣ୍ଡା ଓ ଉମେଶ ହୋତା ଏବଂ ଜୁନିୟରରୁ ଅରଭିଲ ମହାପାତ୍ର ଓ ଦାମନ ପାତ୍ର ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ମହିଳା ସଦସ୍ୟ ଭାବେ ମୋନିରା ବେଗମ୍ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିବା ଜଣାପଡ଼ିଛି।

## ସଂକ୍ଷେପରେ

### ଛାତ୍ରଙ୍କ ଝୁଲନ୍ତା ମୃତଦେହ ଜବତ

ଝାଁଳା,୨୫।୩(ଡି.ଏନ୍.ଏ.): ଇନ୍‌ଫୋଭ୍ୟାଲି ଥାନା ମଦନପୁର ପଞ୍ଚାୟତ କାଇମାଟିଆ ଅଞ୍ଚଳରୁ ଶୁକ୍ରବାର ଝାଁଳା ଫାଣ୍ଡି ପୋଲିସ ଜଣେ ଛାତ୍ରଙ୍କ ଝୁଲନ୍ତା ମୃତଦେହ ଜବତ କରିଛି। ସେ ହେଲେ ରାୟଗଡ଼ାର ମନୋହର ଚୌଧୁରୀ (୧୯)। ସୂଚନା ମୁତାବକ, ମନୋହର ମଦନପୁର ଅଞ୍ଚଳରେ ଥିବା ଏକ ଘରୋଇ କଲେଜରେ ଏମ୍‌ବିଏ ଦ୍ୱିତୀୟ ବର୍ଷର ଛାତ୍ର ଥିଲେ। କାଇମାଟିଆ ଅଞ୍ଚଳରେ ୩ଜଣ ସାଙ୍ଗଙ୍କ ସହ ସେ ଘରଭଡ଼ା ନେଇ ରହୁଥିଲେ। ଶୁକ୍ରବାର ମନୋହରଙ୍କ ସାଙ୍ଗମାନେ ସିନେମା ଦେଖିବା ପାଇଁ ଯାଇଥିବା ବେଳେ ସେ ରୁମରେ ରହିଥିଲେ। ଅପରାହ୍ନରେ ସାଙ୍ଗମାନେ ଫେରିଲା ବେଳକୁ ରୁମ ଭିତର ପଟୁ କବାଟ ଦିଆଯାଇଥିଲା। ବାରମ୍ବାର ଡାକିବା ପରେ ମଧ ମନୋହର କବାଟ ଖୋଲି ନ ଥିଲେ। ପରେ ସ୍କାଏଲାଇଟ ବାଟେ ମନୋହର ଝୁଲୁଥିବା ଦେଖିବାକୁ ପାଇଥିଲେ। ଏନେଇ ପୋଲିସକୁ ଜଣାଇଥିଲେ। ଝାଁଳା ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ପଠାଇଛି। ଶନିବାର ପରିବାର ଲୋକ ପହଞ୍ଚିବା ପରେ ବ୍ୟବଚ୍ଛେଦ କରାଯିବ। ତେବେ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ପୋଲିସ କହିଛି।

### ଲୁଟେରାଙ୍କୁ ପୋଲିସ ଜିମାଦେବା ଘଟଣା: ଅଭିଯୁକ୍ତ ଗିରଫ

ନିରାକାରପୁର,୨୫।୩(ଡି.ଏନ୍.ଏ.): ନିରାକାରପୁର ଥାନା ଅନ୍ତର୍ଗତ ହରିପୁରପାଟଣାର ଅଙ୍ଗନୱାଡ଼ି କର୍ମୀ ସମିତା ଜେନାଙ୍କ ଠାରୁ ଗୁରୁବାର ଜଣେ ଲୁଟେରା ସୁନାଚେନ ଝାମ୍ପି ନେଇଥିଲେ। ପରେ ଗ୍ରାମବାସୀ ଲୁଟେରା ଜଣଙ୍କୁ କାବୁ କରି ପୋଲିସ ଜିମା ଦେଇଥିଲେ। ଏହି ଘଟଣାରେ ଶୁକ୍ରବାର ପୋଲିସ ଲୁଟେରା ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଅଭିଯୁକ୍ତ ହେଲେ ଭୁବନେଶ୍ୱର ଡୁମୁଡୁମା ଅଞ୍ଚଳରେ ରହୁଥିବା ଶିବ ପ୍ରସାଦ ଦାସ। ଜାମିନ ନାମଞ୍ଜୁର ପରେ ଶିବଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇଦିଆଯାଇଛି। ଏନେଇ ଥାନାରେ ଏକ ମାମଲା (ନଂ.୫୯/୨୨)ରୁଜୁ ହୋଇଛି। ତେବେ ଅଭିଯୁକ୍ତଙ୍କ ଠାରୁ ସ୍କୁଟି, ମୋବାଇଲ ଫୋନ, ଆଧାରକାର୍ଡ, ଏଟିଏମ୍ କାର୍ଡ ସହ ଗୋଟିଏ ଚେନ ଜବତ ହୋଇଛି। ତେବେ ଜବତ ଚେନ ସୁନା ନୁହେଁ ବୋଲି ପୋଲିସ କହିବା ପରେ ସମିତା ଅସନ୍ତୋଷ ବ୍ୟକ୍ତ କରିଛନ୍ତି।

### ନନ୍ଦନକାନନରେ ଅଜଗର ଅସୁସ୍ଥ

ବାରଙ୍ଗ,୨୫।୩(ଡି.ଏନ୍.ଏ.): ନନ୍ଦନକାନନ ପ୍ରାଣୀ ଉଦ୍ୟାନର ସରୀସୃପ ଉଦ୍ୟାନର ୫୧ନମ୍ବର ଏନକ୍ଲୋଜରରେ ରହୁଥିବା ମାଈ ଭାରତୀୟ ଅଜଗର ପ୍ରଥମଥର ପାଇଁ ଅସୁସ୍ଥ ହୋଇପଡିଛି। ସେ ଠିକ ଭାବେ ଖିଆପିଆ କରୁନାହିଁ। ଏପରିକି ଗୋଟିଏ ସ୍ଥାନରେ ପଡିରହୁଛି। ଅଜଗର ଦେହର ମଝି ଅଂଶରେ ଏକ ଶକ୍ତ ଆଘାତ ଲାଗିଥିବାରୁ ସେ ସ୍ଥାନଟି ଫୁଲିଯାଇଛି। ତାକୁ ଚିକିତ୍ସକ ଚିକିତ୍ସା କରିବା ପରେ ସେ ସୁସ୍ଥ ଥିବା ଜଣାପଡିଛି।

### ଦୋଳବେଦିରେ ପାଲା ପରିବେଷଣ

ବାଲିଅନ୍ତା,୨୫।୩(ଡି.ଏନ୍.ଏ.): ବାଲିଅନ୍ତା ବ୍ଲକ ତାୟରଶାସନ ଗ୍ରାମସ୍ଥିତ ଦୋଳବେଦିରେ ପଞ୍ଚଦୋଳ ମେଳଣ ଚାଲିଛି। ଏହି ପରିପ୍ରେକ୍ଷୀରେ ସେଠାରେ ତିନିଦିନ ଧରି ପାଲା ପରିବେଷଣ ହୋଇଥିଲା। ଏଥିରେ ଗାୟିକା ଭାବେ ଭାରତୀ ମାନସି ପଣ୍ଡା ଓ ତାଙ୍କ ସହଯୋଗୀ ପାଲା ପରିବେଷଣ କରିଥିଲେ। ଏହି ଗ୍ରାମରେ ଶ୍ରୀ ଶ୍ରୀ ବ୍ରକେଶ୍ୱର ଦେବ ଏବଂ ଶ୍ରୀ ଶ୍ରୀ ଗୋପୀନାଥ ଦେବ ଦୋଳ ବେଦିରେ ବିରାଜମାନ କରିଥିଲେ।


ଖୋର୍ଦ୍ଧା ଜିଲା ବୋଲଗଡ଼ ବ୍ଲକ ବାଙ୍କୋଇଠାରେ ଶୁକ୍ରବାର ଅନୁଷ୍ଠିତ ପଞ୍ଚଦୋଳ ମେଳଣ।

## ସରିଲା ପଞ୍ଚଦୋଳ ମେଳଣ

**ବୋଲଗଡ଼,୨୫।୩(ଡି.ଏନ୍.ଏ.)**

ଖୋର୍ଦ୍ଧା ଜିଲା ବୋଲଗଡ଼ ବ୍ଲକର ବାଙ୍କୋଇସ୍ଥିତ ତାରେଶ୍ୱର ଦେବ ଏବଂ ପିଟୁକୁଲି ଠାରେ ନୀଳକଣ୍ଠେଶ୍ୱର ଦେବଙ୍କ ପଞ୍ଚଦୋଳ ମେଳଣ ଶୁକ୍ରବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ବାଙ୍କୋଇ ଗ୍ରାମସ୍ଥିତ ତାରେଶ୍ୱରଦେବ ରାଜଠାକୁର ଭାବେ ବୁଧବାର ରାତ୍ର ୧୧ଟାରେ ସୁସଜ୍ଜିତ ବିମାନରେ ମନ୍ଦିରରୁ ଆସି ପଞ୍ଚଦୋଳ ପଡିଆକୁ ବିଜେ କରିବା ପରେ ଆମନ୍ତ୍ରିତ ଠାକୁର ୩୫ଟି ଦୋଳ ବିମାନରେ ଆସି ନିଜର ସ୍ୱତନ୍ତ୍ର ଆସ୍ଥାନରେ ବିଜେ କରିଥିଲେ। ସେହିପରି ପିଟୁକୁଲିଠାରେ ରାଜଠାକୁର ଭାବେ ନୀଳକଣ୍ଠେଶ୍ୱରଦେବ ପ୍ରଥମେ ପଞ୍ଚଦୋଳ ପଡିଆକୁ ଦୋଳ ବିମାନରେ ବିଜେ କରିବା ପରେ ନିମନ୍ତ୍ରିତ ଠାକୁରମାନେ ସେମାନଙ୍କର ଦୋଳ ବିମାନରେ ଯାତ୍ରା ପଡିଆକୁ ବିଜେ କରିଥିଲେ। ଉଭୟ ସ୍ଥାନରେ ଠାକୁରମାନେ ଦୁଇଦିନ ରହିଥିବା ବେଳେ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ଏହି ଅବସଭରରେ ଉଭୟ ଯାତ୍ରା ପଡିଆରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଶୁକ୍ରବାର ସନ୍ଧ୍ୟାରେ ଏହି ପଞ୍ଚଦୋଳ ଯାତ୍ରାର ମେଳଣ ପର୍ବ ଅନୁଷ୍ଠିତ ହୋଇଥିଲା। ମେଳଣ ଦେଖିବାକୁ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା।

## ଗୋପୀନାଥ ଜିଲାପରିଷଦ ଉପସଭାପତି

**ଖୋର୍ଦ୍ଧା ଅଫିସ,୨୫।୩**

ଖୋର୍ଦ୍ଧା ଜିଲାପରିଷଦ ଉପସଭାପତି ଭାବେ ବାଣପୁର ବ୍ଲକ ୧୫ନମ୍ବର ଜୋନର ସଭ୍ୟ ଗୋପୀନାଥ ମହାରଣା ଶନିବାର ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ଚଳିତ ନିର୍ବାଚନରେ ବିଜେଡି ଏକାକୀ ଭାବେ ୩୦ରୁ ୨୮ଟି ଆସନରେ ବିଜୟୀ ହୋଇଥିଲା। ପୂର୍ବରୁ ଜିଲା ପରିଷଦ ଅଧକ୍ଷା ଭାବେ ରୂପଶ୍ରୀ ରାଣୀ ଗୁମାନସିଂ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥବା ଉପସଭାପତି ଆସନ ମଧ୍ୟ ବିଜେଡି ଦଖଲରେ ରହିଛି। ଶନିବାର ଜିଲାପରିଷଦ ଉପସଭାପତି ପାଇଁ ଜିଲା ପ୍ରକଳ୍ପ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ନିର୍ବାଚନ ହୋଇଥିଲା। ଦଳରୁ ବହୁମତ ରହିଥିବାରୁ ଦଳର ଏକମାତ୍ର ପ୍ରାର୍ଥୀ ଭାବେ ଗୋପୀନାଥ ସମର୍ଥକ ଓ ପ୍ରସ୍ତାବକଙ୍କ ଉପସ୍ଥିତିରେ ନାମାଙ୍କନ ଦାଖଲ କରିଥିଲେ। ଅତିରିକ୍ତ ଜିଲାପାଳ(ରାଜସ୍ୱ) ଅନୁଜ ଦାସ ପଟ୍ଟନାୟକ ନିର୍ବାଚନ ଅଧିକାରୀ ଭାବେ ନିଯୁକ୍ତ ହୋଇଥିଲେ। ଶେଷରେ ଗୋପୀନାଥଙ୍କୁ ନିର୍ବାଚନ ଅଧିକାରୀ ଏଡିଏମ ପଟ୍ଟନାୟକ ବିଜୟୀ ଘୋଷଣା କରିଥିଲେ। ନିର୍ବାଚନ ବେଳେ ବିଜେଡି ଜିଲା ପରିଷଦ ସଭାପତି ବିଭୂତି ବଳବନ୍ତରାୟ ଉପସ୍ଥିତ ଥିଲେ। ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର, ପିଡି ଡିଆରଡିଏ ଦିଗନ୍ତ ରାଉତରାୟ, ପଞ୍ଚାୟତ ନିର୍ବାଚନ ଅଧିକାରୀଙ୍କ ସମେତ ସମସ୍ତ ଜିଲା ପରିଷଦ ଉପସ୍ଥିତ ଥିଲେ। ପ୍ରକାଶ ଯେ, ଗୋପୀନାଥ ଛାତ୍ର ଜୀବନରୁ ଛାତ୍ରନେତା ଭାବେ କାର୍ଯ୍ୟ ଆରମ୍ଭ କରିଥିଲେ। ୨୦୦୬ ମସିହାରେ ଗୋଦାବରୀଶ ମହାବିଦ୍ୟାଳୟର ଛାତ୍ର ସଂସଦ ସଭାପତି, ୨୦୦୮ରେ କ୍ୟାପିଟାଲ ଲ'କଲେଜର ସହ କ୍ରୀଡା ସମ୍ପାଦକ ଓ ୨୦୧୨ରେ ଜିଲାପରିଷଦ ସଭ୍ୟଭାବେ ନିର୍ବାଚିତ ହୋଇଥିଲେ। ଏଥିସହିତ ସେ ପୁରୀ ଏମ୍‌ପି ଏବଂ ଚିଲିକା ବିଧାୟକଙ୍କ ବାଣପୁର ବ୍ଲକ ପ୍ରତିନିଧି ଭାବେ ମଧ କାର୍ଯ୍ୟ କରିଛନ୍ତି। ଶନିବାର ଜିଲାପରିଷଦ ଉପସଭାପତି ଭାବେ ନିର୍ବାଚିତ ହେବା ପରେ ସେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ବିଜେଡି ସଂଗଠନ ସମ୍ପାଦକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ମିଡିଆସେଲ ଉପଦେଷ୍ଟା ମାନସ ରଞ୍ଜନ ମଙ୍ଗରାଜ, ଜିଲାର ସମସ୍ତ ବିଧାୟକଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ଜିଲାର ସର୍ବାଙ୍ଗୀନ ବିକାଶକୁ ପ୍ରାଥମିକତା ଦେବେ ବୋଲି କହିଛନ୍ତି।

## ମାଛ ବେପାରୀଙ୍କଠାରୁ ଲୁଟିନେଲେ ଟଙ୍କା

■ ଜଣେ ଗିରଫ, ୨ ଅଭିଯୁକ୍ତ ଫେରାର
■ ଖସି ପଳାଉଥିବା ବେଳେ ମାଡ଼ିବସିଲେ

**ଖୋର୍ଦ୍ଧା ଅଫିସ,୨୫।୩**

ମାଛ ବେପାରୀଙ୍କୁ ମାରଣାସ୍ତ୍ର ଦେଖାଇ ଟଙ୍କା ଓ ମୋବାଇଲ ଫୋନ ଲୁଟିନେବା ଅଭିଯୋଗରେ ଖୋର୍ଦ୍ଧା ଟାଉନ ଥାନା ପୋଲିସ ଶନିବାର ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ସୁବ୍ରତ୍ର ପାତ୍ର(୩୨)। ସୂଚନା ମୁତାବକ, ସୁନ୍ଦରଗଡ଼ ଜିଲା ରାଉରକେଲା ସେକ୍ଟର ୭ର ବିବେକ ପ୍ରସାଦ ଡୁମୁରି(୨୪) ଓ ବିକ୍ରମ ଚୌଧୁରି ଗୁରୁବାର ରାତିରେ ବାଲୁଗାଁରୁ ପିକଅପ୍ ଭ୍ୟାନ(ଓଡି୧୪-ଡବ୍ଲ୍ୟୁ-୧୭୮୬)ରେ ରାଉରକେଲା ଅଭିମୁଖେ ଯାଉଥିଲେ। ବିବେକ ଗାଡି ଚଳାଉଥିବା ବେଳେ ବିକ୍ରମ ବାମପାର୍ଶ୍ୱରେ ବସିଥିଲେ। ଜଟଣୀ ବାଇପାସ୍ ନିକଟରେ ଥିବା ହମ୍ପସଠାରେ ହଠାତ୍ ୩ଜଣ ଦୁର୍ବୃତ୍ତ କଳା ପଲସରରେ ଆସି ଗାଡିକୁ ଅଟକାଇଥିଲେ। ବାମପାର୍ଶ୍ୱର କାଚ ଡୋର ଖୋଲି ବିକ୍ରମକୁ ଛୁରାମାଡ଼ କରିଥିଲେ। ଏଥିରେ ବ୍ରିକମ ଆହତ ହୋଇଥିଲେ। ପରେ ଦୁର୍ବୃତ୍ତମାନେ ୩୮ହଜାର ଟଙ୍କା ଓ ୨ଟି ମୋବାଇଲ ଲୁଟିନେଇ ଫେରାର ହୋଇଯାଉଥିବା ବେଳେ ବାଇକ୍ ପଛରେ ବସିଥିବା ଜଣେ ଲୁଟେରାଙ୍କୁ ଉଭୟ ମାଡି ବସିଥିଲେ। ପାଟିଶୁଣି ସ୍ଥାନୀୟ ଲୋକେ ପହଞ୍ଚିଥିଲେ ମଧ୍ୟ ଅନ୍ୟ ଦୁଇ ଦୁର୍ବୃତ୍ତ ସେଠାରୁ ଖସି ପଳାଇଥିଲେ। ଏନେଇ ବିବେକ ଟାଉନ ଥାନାରେ ଅଟକ ଯୁବକଙ୍କୁ ପୋଲିସ ଜିମା ଦେବା ସହ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ମାମଲା (ନଂ.୧୪୪/୨୨) ରୁଜୁକରି ତଦନ୍ତ ଚଳାଇଛି।

## ଭୋଟ ପ୍ରତି ପଛଘୁଞ୍ଚା ରାଜଧାନୀର ଶିକ୍ଷିତ ଭୋଟର

**ଭୁବନେଶ୍ୱରରେ ମତଦାନ ହାର ନୈରାଶ୍ୟଜନକ**

**ଭୁବନେଶ୍ୱର,୨୫।୩(ବ୍ୟୁରୋ)**

ରାଜଧାନୀ ଭୁବନେଶ୍ୱରରେ ସହରୀ ଉଚ୍ଚଶିକ୍ଷିତ ଭୋଟର ରହୁଛନ୍ତି। ଅଧିକାଂଶ ଦେଶ ବିଦେଶର କଥା ଉପରେ ଟିପ୍ପଣୀ ଦେବା ସହିତ ରାଜନୀତିକୁ ନେଇ ବହୁ ଆଲୋଚନା ସମାଲୋଚନା କରୁଥିବା ଦେଖାଯାଇଥାଏ। ଗଣତନ୍ତ୍ରର ମହାପର୍ବ ଭୋଟଦାନରେ ସେମାନେ ନିଶ୍ଚିତ ପକ୍ଷେ ନିଜର ମତ ସାବ୍ୟସ୍ତ କରିବା ସହ ଯୋଗ୍ୟ ପ୍ରତିନିଧିଙ୍କୁ ବାଛିବେ ବୋଲି ସମସ୍ତଙ୍କ ଧାରଣା ଥାଏ। କିନ୍ତୁ ଏହି ପାଠୁଆ ଉଚ୍ଚଶିକ୍ଷିତ ତଥାକଥିତ ବ୍ୟକ୍ତିମାନେ ଭୋଟଦାନ ଭଳି ମହତ୍ୱପୂର୍ଣ୍ଣ କାର୍ଯ୍ୟକୁ ସମୟର ବରବାଦ ଛଡ଼ା ଅନ୍ୟ କିଛି ଭାବୁନାହାନ୍ତି। ମତଦାନ ଅଧିକାର ସାବ୍ୟସ୍ତ କରିବା ସମୟରେ ଏମାନଙ୍କୁ ଦେଖିବାକୁ ମିଳି ନ ଥାଏ। ଫଳରେ ପ୍ରତି ନିର୍ବାଚନରେ ଭୁବନେଶ୍ୱରରେ ମତଦାନ ହାର ସବୁଠାରୁ କମ୍ ରହୁଛି। ମହାନଗର ନିର୍ବାଚନ ହେଉ ଅବା ସାଧାରଣ ନିର୍ବାଚନ ରାଜ୍ୟର ଅନ୍ୟ ଅଞ୍ଚଳ ତୁଳନାରେ ସବୁଥିରେ ପଛରେ ରହୁଛନ୍ତି ରାଜଧାନୀବାସୀ। ଏଠାରେ ମତଦାନ ହାର ୫୦ ପ୍ରତିଶତ ଟପିପାରୁନାହିଁ। ଦୀର୍ଘ ୭ ବର୍ଷ ପରେ ବିଏମ୍‌ସି ନିର୍ବାଚନ ହୋଇଥିବାରୁ ରାଜଧାନୀବାସୀଙ୍କ ମଧ୍ୟରେ ଉତ୍କଣ୍ଠା ଦେଖାଦେଇଥିଲା। ସହରର ପ୍ରତିନିଧିଙ୍କୁ ବାଛିବା ପାଇଁ ଶିକ୍ଷିତ ତଥା ସଚେତନ ଭୋଟର ଆଗେଇ ଆସିବେ ବୋଲି ଆଶା ଥିଲା। ଏଥର ମଧ ସବୁଥର ଭଳି ନିରାଶ ହେବାକୁ ପଡିଛି। ମାତ୍ର ୪୩.୩୦ ପ୍ରତିଶତ ଭୋଟର ନିଜ ମତଦାନ କରିଛନ୍ତି। ସହରରେ ମୋଟ ୭ଲକ୍ଷ ୨୫ ହଜାର ୭୬୫ ଭୋଟର ରହିଛନ୍ତି। ତେବେ ଏମାନଙ୍କ ମଧ୍ୟରୁ ୩ଲକ୍ଷ ୧୪ହଜାର ୨୬୮ ଜଣ ଭୋଟର ମତଦାନ ସାବ୍ୟସ୍ତ କରିଥିବା ଜଣାପଡ଼ିଛି।

## ତୃତୀୟ ଦିନରେ ବ୍ରହ୍ମଗିରି ପଞ୍ଚପାଣ୍ଡବ ମେଳଣ

**ବ୍ରହ୍ମଗିରି,୨୫।୩(ଡି.ଏନ୍.ଏ.)**

ବ୍ରହ୍ମଗିରି ପଞ୍ଚୁପାଣ୍ଡବ ମେଳଣ ବୁଧବାର ଠାରୁ ଆରମ୍ଭ ହୋଇଥିବା ବେଳେ ଶୁକ୍ରବାର ତୃତୀୟ ଦିନରେ ପହଞ୍ଚିଛି। ବୁଧବାର ମଧ୍ୟରାତ୍ରରୁ ଥାନପତି ଗୋପୀନାଥ ଦେବ ଓ ପଞ୍ଚୁପାଣ୍ଡବ ଭାଇଙ୍କୁ ଏକ ଶୋଭାଯାତ୍ରାରେ ମେଳଣ କୁଞ୍ଜକୁ ନିଆଯାଇଥିଲା। ଗୋଟିଏ ଦିନରେ ପଞ୍ଚୁପାଣ୍ଡବଙ୍କ ସହ ଭଗବାନ ଶ୍ରୀକୃଷ୍ଣଙ୍କୁ ଦର୍ଶନ କଲେ କୋଟି ପୁଣ୍ୟ ମିଳିଥାଏ। ଏହି ଲକ୍ଷ୍ୟ ନେଇ ଆୟୋଜିତ ଏହି ମେଳଣରେ ୧୦୮ ଦୋଳର ମିଳନ ହୋଇଥାଏ। ବ୍ରହ୍ମଗିରିର ଏହି ମେଳଣ ସ୍ଥାନୀୟ ଭାଇଚାରାକୁ ଗୋଟିଏ ସୂତାରେ ବାନ୍ଧି ରଖିପାରିଛି। ଏହି ମେଳଣର ମୁଖ୍ୟ ଆକର୍ଷଣ ହେଉଛି ସାହିଯାତ। ସନ୍ଧ୍ୟା ସମୟରେ ଉକ୍ତ ଗ୍ରାମର ବିଭିନ୍ନ ସାହିରୁ ନାଗା ମେଢ ସହିତ ସାହିଯାତ ବାହାରି ଥିଲା। ଏହାକୁ ଦେଖିବାକୁ ବହୁ ଜନସମାଗମ ହୋଇଥିଲା।

## ଟାଙ୍ଗୀରେ ଦିବ୍ୟ ଚେତନା ରଥ



**ଟାଙ୍ଗୀ(ଖୋର୍ଦ୍ଧା),୨୫।୩(ଡି.ଏନ୍.ଏ.)**

ଅଖିଳ ଭାରତ ସନ୍ଥ ସମିତି ଓ ବିଶ୍ୱ ହିନ୍ଦୁ ପରିଷଦର ମିଳିତ ଆନୁକୂଲ୍ୟରେ ହିନ୍ଦୁ ଧର୍ମକୁ ସୁରକ୍ଷା କରିବା ସହ ଜନସାଧାରଣଙ୍କ ମଧ୍ୟରେ ଦିବ୍ୟ ଚେତନା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଶତାଧିକ ସାଧୁସନ୍ଥ ପରିକ୍ରମା କରୁଛନ୍ତି। ଗତ ୯ତାରିଖରେ ବାଲେଶ୍ୱରଠାରୁ ଦିବ୍ୟ ଚେତନା ରଥ ବାହାରି ଉପକୂଳବର୍ତ୍ତୀ ସମସ୍ତ ଜିଲା ପରିକ୍ରମା ଉଦ୍ଦେଶ୍ୟରେ ଶୁକ୍ରବାର ଖୋର୍ଦ୍ଧା ଜିଲା ଟାଙ୍ଗୀ ଠାରେ ପହଞ୍ଚିଥିଲା। ଟାଙ୍ଗୀ ଭାଜପା, ବିଶ୍ୱ ହିନ୍ଦୁ ପରିଷଦ ଓ ସ୍ଥାନୀୟ ସାଧୁସନ୍ଥଙ୍କ ପକ୍ଷରୁ ଏହି ଦିବ୍ୟ ଚେତନା ରଥକୁ ସ୍ୱାଗତ କରାଯିବା ସହ ସାଧୁସନ୍ଥଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ହିନ୍ଦୁ ଧର୍ମର ସୁରକ୍ଷା, ମଠ ମନ୍ଦିରର ସୁରକ୍ଷା ଓ ସାଧୁସନ୍ଥଙ୍କର ସୁରକ୍ଷା ପାଇଁ ଏହି ଦିବ୍ୟ ଚେତନା ରଥ ପରିକ୍ରମା କରାଯାଉଛି ବୋଲି ବରିଷ୍ଠ ସାଧୁସନ୍ଥମାନେ କହିଛନ୍ତି। କାଳୁପଡା ସ୍ଥିତ ବିଦ୍ୟା ଭାରତୀ ନିକେତନ ପରିସରରେ ସାଧୁସନ୍ଥମାନେ ବିଶ୍ରାମ ନେଇଥିଲେ। ଏହି ରଥ ବ୍ରହ୍ମପୁର ପର୍ଯ୍ୟନ୍ତ ପରିକ୍ରମା କରିବାର ଯୋଜନା ରହିଛି।

## ନିଲୋଫର କ୍ରିକେଟ୍ ଟୁର୍ନାମେଣ୍ଟ: ଫାଇନାଲରେ ଯଦୁପୁର

**ଖୋର୍ଦ୍ଧା ଅଫିସ,୨୫।୩**

କଳିଙ୍ଗ ଟାଇଗର ପକ୍ଷରୁ ଆୟୋଜିତ ୩ୟ ନିଲୋଫର ହୁଶନରା କ୍ରିକେଟ ଟୁର୍ନାମେଣ୍ଟର ପ୍ରଥମ ସେମିଫାଇନାଲ ମ୍ୟାଚରେ ଭାଲିଆବାଡ଼ି ଟିମ୍‌କୁ ହରାଇ ଯଦୁପୁର ଜନତାରା କ୍ରିକେଟ୍ କ୍ଲବ ବିଜୟୀ ହେବା ସହ ଫାଇନାଲରେ ପ୍ରବେଶ କରିଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ଯଦୁପୁର ଟିମ୍ ନିର୍ଦ୍ଧାରିତ ୨୫ ଓଭରରେ ୨୩୩ ରନ୍ ସଂଗ୍ରହ କରିଥିଲା। ଜବାବରେ ଭାଲିଆବାଡ଼ି ଟିମ୍ ୨୦ଓଭରରେ ସମସ୍ତ ଉଇକେଟ ବିନିମୟରେ ୧୪୭ ରନ୍ ସଂଗ୍ରହ କରି ପରାଜିତ ହୋଇଥିଲା। ଟୁନୁ ଖଟୁଆ ୭୦ ବଲରୁ ୧୦୫ ରନ୍ ସଂଗ୍ରହ କରିଥିବାରୁ ମ୍ୟାନ ଅଫ୍ ଦି ମ୍ୟାଚ ଭାବେ ବିବେଚିତ ହୋଇଥିଲେ। ଅତିଥିଭାବେ ବ୍ରିଜେଶ ପ୍ରଧାନ ଓ ଅବ୍ୟକ୍ତ ହରିହର ଖାଡ଼ଙ୍ଗା ଯୋଗଦେଇ ଟୁନୁଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଟ୍ରଫି ପ୍ରଦାନ କରିଥିଲେ। ଅସିତ୍ ଶତପଥୀ ଓ ଦ୍ୟୁଜେନ୍ଦ୍ର ଘୋଷ ମ୍ୟାଚ୍ ପରିଚାଳନା କରିଥିଲେ। ପ୍ରକାଶ ସାହୁ ମ୍ୟାଚ୍ ରେଫରି, ସୂର୍ଯ୍ୟକାନ୍ତ ଗୁମାନସିଂ ସ୍କୋରର ଏବଂ ସନ୍ଦୀପ ମହାନ୍ତି ଡିଜିଟାଲ ସ୍କୋରର ଭାବେ ଦାୟିତ୍ୱ ତୁଲାଇଥିଲେ। ଶନିବାର କୁମାରବସ୍ତ ଓ କାଇପଦର ମଧ୍ୟରେ ଦ୍ୱିତୀୟ ସେମିଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ ବୋଲି ମ୍ୟାନେଜର ସୁନୀଲ ରାଉତରାୟ କହିଛନ୍ତି।


ଅତିଥିଙ୍କଠାରୁ ଟୁନୁ ଖଟୁଆ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ଗ୍ରହଣ କରୁଛନ୍ତି।

## ଘରୋଇ ବସ୍‌ଭଡ଼ା ବେଲଗାମ

**ଭଡ଼ା ତାଲିକା, ଟୋଲ୍ ଫ୍ରି ନମ୍ବରକୁ ଅଣଦେଖା**

**ପୁରୀ ଅଫିସ,୨୫।୩**

ଡିଜେଲ ଦର ବଢ଼ିବା ପରେ ଘରୋଇ ବସ୍‌ଭଡ଼ାକୁ ନେଇ ଯାତ୍ରୀଙ୍କ ମଧ୍ୟରେ ଅସନ୍ତୋଷ ଦେଖିବାକୁ ମିଳୁଛି। ଯେଉଁଭଳି ପ୍ରାୟ ଦୈନିକ ଡିଜେଲ ଦର ବଢ଼ିଚାଲିଛି, ସେହିଭଳି ଘରୋଇ ବସ୍ ମାଲିକମାନେ ପ୍ରତିଦିନ ମନଇଚ୍ଛା ଭଡ଼ା ବଢାଇଚାଲିଛନ୍ତି। ବସ୍‌ଗୁଡ଼ିକରେ ଧାର୍ଯ୍ୟ ଭଡ଼ାଠାରୁ ଅଧିକ ଆଦାୟ କରାଯାଉଛି। ଏ ନେଇ ଯାତ୍ରୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଥିଲେ ହେଁ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ। ଏପରି କି ଘରୋଇ ବସ୍‌ରେ ଭଡ଼ାତାଲିକା କିମ୍ବା ପରିବହନ କାର୍ଯ୍ୟାଳୟକୁ ଯୋଗାଯୋଗ କରିବା ଲାଗି ଟୋଲ୍ ଫ୍ରି ନମ୍ବର ଉଲ୍ଲେଖ ରହୁନାହିଁ। ଫଳରେ ଯାତ୍ରୀମାନେ ବସ୍‌ଭଡ଼ା ତାଲିକା ସମ୍ପର୍କରେ ଜାଣିପାରୁନାହାନ୍ତି କି ଅଭିଯୋଗ ଲାଗି ଟୋଲ୍ ଫ୍ରି ନମ୍ବରକୁ ଯୋଗାଯୋଗ କରିପାରୁନାହାନ୍ତି। ବସ୍‌କର୍ମଚାରୀ ତାଲିକାରେ ଉଲ୍ଲିଖିତ ଭଡ଼ା ଅର୍ଥଠାରୁ ଅଧିକ ଟଙ୍କା ମାଗୁଥିଲେ ଯାତ୍ରୀମାନେ ଦେବାକୁ ବାଧ୍ୟ ହେଉଛନ୍ତି। ବିଭିନ୍ନ ସ୍ଥାନରୁ ପୁରୀକୁ ଚଳାଚଳ କରୁଥିବା ବସ୍‌ଗୁଡ଼ିକରେ ଏଭଳି ଘଟଣା ଦେଖିବାକୁ ମିଳୁଛି। ଏପରି କି କେତେକ ବସ୍‌ରେ କଣ୍ଡକ୍ଟର ଟିକେଟ ଦେବାକୁ ନାରାଜ। ଟିକେଟ ମାଗିଲେ ଅଧିକ ଭଡ଼ା ଦାବି କରନ୍ତି। ଏଭଳି ଅଭିଯୋଗ ଅଧିକାଂଶ ଦିନ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟରେ ପହଞ୍ଚୁଛି। ଲୋକେ ଏନେଇ ଲିଖିତ ଅଭିଯୋଗ ମଧ୍ୟ କରୁଛନ୍ତି। ମାତ୍ର ସଲାସୁତୁରାରେ ଚାଲିଥିବା ପ୍ରଶାସନ ଏଥିପ୍ରତି ଆଖି ବୁଜି ଦେଇଛି। ଦୈନିକ ପୁରୀରୁ ଭୁବନେଶ୍ୱର ଯାଉଥିବା ଯାତ୍ରୀ ସନ୍ଦୀପ ନାୟକ କହିଛନ୍ତି, ତେଲ ଦର ବଢ଼ିବା ପରେ ବସ ଭଡ଼ା ସ୍ଥିର ରହୁନାହିଁ। ବସ୍‌ରେ ଯାତ୍ରୀଙ୍କ ସଂଖ୍ୟା ଦେଖି ଭଡ଼ା ନିଆଯାଉଛି। ଅଧିକ ଲୋକ ଥିଲେ ଠିକ ଭଡ଼ା ଓ ଲୋକ କମ୍ ଥିଲେ ୨୦ ଟଙ୍କା ପର୍ଯ୍ୟନ୍ତ ଭଡ଼ା ବଢ଼ାଇ ଆଦାୟ କରାଯାଉଛି। ଯାତ୍ରୀମାନଙ୍କୁ ଅଧିକ ଭଡ଼ା ବୋଝରେ କଲବଲ ହେବାକୁ ପଡୁଛି। ବସ୍ କର୍ମଚାରୀଙ୍କୁ ପଚାରିଲେ ତେଲ ଦର ବଢ଼ିଛି ବୋଲି ଯୁକ୍ତି କରୁଛନ୍ତି। ଏଣୁ ଠିକ ଓ ଅପଡେଟେଡ୍ ରେଟ ଚାର୍ଟ ଲଗାଇଲେ ଯାତ୍ରୀଙ୍କ ପାଇଁ ସୁବିଧାଜନକ ହୁଅନ୍ତା। ତେବେ ଏ ନେଇ ପୁରୀ ବସ୍‌ମାଲିକ ସଂଘ ସମ୍ପାଦକ ଲୋକନାଥ ପାଣିଙ୍କୁ ଯୋଗାଯୋଗ କରାଯାଇଥିଲେ ତାଙ୍କ ପ୍ରତିକ୍ରିୟା ମିଳିପାରିନାହିଁ। ଆଇନଜୀବୀ ଚିନ୍ମୟ ଦାଶ କହିଛନ୍ତି, ଭଡ଼ା ତାଲିକା ନ ଲଗାଇବା ବେଆଇନ କାର୍ଯ୍ୟ। ଡିଜେଲ୍ ଦର ବଢିବା କିମ୍ବା କମିବା ଅନୁଯାୟୀ ଯାତ୍ରୀଭଡ଼ା ପରିବର୍ତ୍ତିତ ହୋଇଥାଏ। ଏଣୁ ବସ୍‌ରେ ଧାର୍ଯ୍ୟ ଦର ଉଲ୍ଲେଖ କରାଯାଇ ଭଡ଼ା ଆଦାୟ କରାଯିବା ଉଚିତ। ମାତ୍ର ଏଭଳି ହେଉନାହିଁ। ଭଡ଼ା ତାଲିକା ଲଗାଇ ନ ଥିବା ବସ୍ ମାଲିକଙ୍କ ବିରୋଧରେ ପରିବହନ କାର୍ଯ୍ୟାଳୟ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେଉ। ଅନ୍ୟପକ୍ଷରେ ଏ ସମ୍ପର୍କରେ ଆଞ୍ଚଳିକ ପରିବହନ ଅଧିକାରୀ (ଆର୍‌ଟିଓ) ସମୀର କୁମାର ଦଳାଇ କହିଛନ୍ତି, ରେଟ୍ ଚାର୍ଟ ଲଗାଇବା ପାଇଁ ବସ୍‌ମାଲିକମାନଙ୍କୁ ବାରମ୍ବାର କୁହାଯାଇଥିଲେ ମଧ କେହି କାର୍ଯ୍ୟକାରୀ କରୁନାହାନ୍ତି। ତେବେ ନିକଟ ଅତୀତରେ ସମସ୍ତ ଘରୋଇ ବସ୍‌ମାଲିକଙ୍କ ସହ ଆଲୋଚନା କରାଯାଇଛି। ସବୁ ବସ୍‌ରେ ଭଡ଼ା ତାଲିକା ଟାଙ୍ଗିବା ବାଧ୍ୟତାମୂଳକ କରିବା ଉପରେ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ଜୋର୍ ଦେଉଛି। ସେହିପରି କିଲୋମିଟର ପିଛା ସାଧାରଣ ବସ୍‌ରେ ୮୭ ପଇସା, ଏକ୍ସପ୍ରେସ ୯୧ ପଇସା, ଡିଲକ୍ସ ୧ ଟଙ୍କା ୨୫ ପଇସା ଓ ବାତାନୁକୂଳିକ ଡିଲକ୍ସ ୧ ଟଙ୍କା ୫୩ ପଇସା ଦେବାର ପ୍ରାବଧାନ ରହିଥିବା ଦଳାଇ ସୂଚନା ଦେଇଛନ୍ତି।

## ସଂକ୍ଷେପରେ

### ୮ ବଖରା ଜଳିଗଲା



**କୋଣାର୍କ,୨୫।୩(ଡି.ଏନ୍.ଏ.):** କୋଣାର୍କ ଥାନା ଅଧୀନ କୁରୁଜଙ୍ଗ ପଞ୍ଚାୟତର ତାଳସୁଆଁ ଗ୍ରାମର ବାରିକ ସାହିରେ ଗୁରୁବାର ବିଳମ୍ବିତ ରାତ୍ରିରେ ଶର୍ଟସର୍କିଟ ଯୋଗୁ ଅଗ୍ନିକାଣ୍ଡ ଘଟି ୩ ପରିବାରର ୮ ବଖରା ଜଳିଯାଇଛି। ପ୍ରକାଶ ଯେ, ତାଳସୁଆଁ ଗ୍ରାମର ମନୋଜ ବାରିକ, ପ୍ରଶାନ୍ତ ବାରିକ ଓ ବାବୁଲି ବାରିକଙ୍କ ଘରେ ବିଳମ୍ବିତ ରାତିରେ ଶର୍ଟସର୍କିଟ ହୋଇ ନିଆଁ ଲାଗିଥିଲା। ପରିବାର ଲୋକ ଜାଣି ବାହାରକୁ ଆସି ପଡ଼ୋଶୀଙ୍କୁ ଡାକି ପାଣି ପକାଇଥିଲେ। ଖବର ପାଇ ଚମ୍ପାହର ଅଗ୍ନିଶମ ବିଭାଗ ଉକ୍ତ ଗ୍ରାମରେ ପହଞ୍ଚିଥିଲେ ମଧ ଉକ୍ତ ସାହିକୁ ଯିବା ପାଇଁ ରାସ୍ତା ନ ଥିବା ହେତୁ ଘଟଣାସ୍ଥଳରେ ପହଞ୍ଚିବାରେ ବିଳମ୍ବ ହୋଇଥିଲା। ଅଗ୍ନିଶମ ବିଭାଗ ନିଆଁକୁ ଆୟତ୍ତ କରିବା ବେଳକୁ ସମ୍ପୃକ୍ତ ୩ ପରିବାରର ୮ବଖରା ସହ ଧାନ, ଚାଉଳ, ଆସବାବପତ୍ର, ଲୁଗାପଟା ସମେତ ଅନ୍ୟାନ୍ୟ ସାମଗ୍ରୀ ପୋଡି ଭସ୍ମୀଭୂତ ହୋଇଯାଇଥିଲା। ଶର୍ଟସର୍କିଟରୁ ଅଗ୍ନିକାଣ୍ଡ ଘଟିଥିବା ବେଳେ ସମ୍ପୃକ୍ତ ପରିବାର ସଦସ୍ୟଙ୍କ ଘରେ ଥିବା ଗ୍ୟାସ ସିଲିଣ୍ଡର ଫାଟି ଅଗ୍ନିକାଣ୍ଡ ଉଗ୍ରରୂପ ନେଇ ବ୍ୟାପକ କ୍ଷୟକ୍ଷତି ଘଟାଇଥିଲା। ଶୁକ୍ରବାର କାକଟପୁର ତହସିଲଦାର ବିରଞ୍ଚି ନାରାୟଣ ବେହେରା ଓ କାକଟପୁର ବ୍ଲକ ଅଧକ୍ଷ ଶ୍ରୀଧର ନାୟକ ଘଟଣାସ୍ଥଳରେ ପହଞ୍ଚି ଅଗ୍ନିବିପନ୍ନଙ୍କୁ ସମବେଦନା ଜଣାଇବା ସହ ଘଟଣାର ଅନୁଧାନ କରିଥିଲେ। ତହସିଲଦାର ବେହେରା ସମ୍ପୃକ୍ତ ପରିବାର ସଦସ୍ୟଙ୍କୁ ସରକାରୀ ରିଲିଫ କୋଡ୍ ଅନୁଯାୟୀ ସହାୟତା ପ୍ରଦାନ କରାଯିବା ସହ ସାତଦିନ ପାଇଁ ରିଲିଫ ଓ ଆନୁଷଙ୍ଗିକ ସାମଗ୍ରୀ ପ୍ରଦାନ କରାଯିବ ବୋଲି ସୂଚନା ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ବ୍ଲକ ଅଧକ୍ଷ ଶ୍ରୀଧର ନାୟକ ୩ ଅଗ୍ନି ବିପନ୍ନ ପରିବାରଙ୍କୁ ୩ହଜାର ଟଙ୍କାର ସହାୟତା ପ୍ରଦାନ କରିଛନ୍ତି। ଏହି ସମୟରେ କୁରୁଜଙ୍ଗ ସରପଞ୍ଚ ରୂପାଲି କାଣ୍ଡି ଓ ଚିତ୍ରେଶ୍ୱରୀ ରାଜସ୍ୱ ନିରୀକ୍ଷକ ପ୍ରଭାତ କୁମାର କୁଣ୍ଡୁ ପ୍ରମୁଖ ଉପସ୍ଥିତ ଥିଲେ।

### ଛାତ୍ରଙ୍କ ଝୁଲନ୍ତା ମୃତଦେହ ଜବତ

ଯାଁଳା,୨୫।୩ (ଡି.ଏନ୍.ଏ.): ଇନ୍‌ଫୋଭ୍ୟାଲି ଥାନା ମଦନପୁର ପଞ୍ଚାୟତ କାଇମାଟିଆ ଅଞ୍ଚଳରୁ ଶୁକ୍ରବାର ଯାଁଳା ଫାଣ୍ଡି ପୋଲିସ ଜଣେ ଛାତ୍ରଙ୍କ ଝୁଲନ୍ତା ମୃତଦେହ ଜବତ କରିଛି। ସେ ହେଲେ ରାୟଗଡ଼ାର ମନୋହର ଚୌଧୁରୀ (୧୯)। ସୂଚନା ମୁତାବକ, ମନୋହର ମଦନପୁର ଅଞ୍ଚଳରେ ଥିବା ଏକ ଘରୋଇ କଲେଜରେ ଏମ୍‌ବିଏ ଦ୍ୱିତୀୟ ବର୍ଷର ଛାତ୍ର ଥିଲେ। କାଇମାଟିଆ ଅଞ୍ଚଳରେ ୩ଜଣ ସାଙ୍ଗଙ୍କ ସହ ସେ ଘରଭଡ଼ା ନେଇ ରହୁଥିଲେ। ଶୁକ୍ରବାର ମନୋହରଙ୍କ ସାଙ୍ଗମାନେ ସିନେମା ଦେଖିବା ପାଇଁ ଯାଇଥିବା ବେଳେ ସେ ରୁମରେ ରହିଥିଲେ। ଅପରାହ୍ନରେ ସାଙ୍ଗମାନେ ଫେରିଲା ବେଳକୁ ରୁମ ଭିତର ପଟୁ କବାଟ ଦିଆଯାଇଥିଲା। ବାରମ୍ବାର ଡାକିବା ପରେ ମଧ ମନୋହର କବାଟ ଖୋଲି ନ ଥିଲେ। ପରେ ସ୍କାଏଲାଇଟ ବାଟେ ମନୋହର ଝୁଲୁଥିବା ଦେଖିବାକୁ ପାଇଥିଲେ। ଏନେଇ ପୋଲିସକୁ ଜଣାଇଥିଲେ। ଯାଁଳା ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ପଠାଇଛି। ଶନିବାର ପରିବାର ଲୋକ ପହଞ୍ଚିବା ପରେ ବ୍ୟବଚ୍ଛେଦ କରାଯିବ। ତେବେ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ପୋଲିସ କହିଛି।

# ଭୋଟ ପ୍ରତି ପଛଘୁଞ୍ଚା ଶିକ୍ଷିତ ଭୋଟର

## ଭୁବନେଶ୍ୱରରେ ମତଦାନ ହାର ନୈରାଶ୍ୟଜନକ

ଭୁବନେଶ୍ୱର,୨୫।୩ (ବ୍ୟୁରୋ)

ରାଜଧାନୀ ଭୁବନେଶ୍ୱରରେ ଉଚ୍ଚଶିକ୍ଷିତ ଭୋଟର ରହୁଛନ୍ତି। ଅଧିକାଂଶ ଦେଶ ବିଦେଶର କଥା ଉପରେ ଟିପ୍ପଣୀ ଦେବା ସହିତ ରାଜନୀତିକୁ ନେଇ ବହୁ ଆଲୋଚନା ସମାଲୋଚନା କରୁଥିବାର ଦେଖାଯାଇଥାଏ। ତେଣୁ ଗଣତନ୍ତ୍ରର ମହାପର୍ବ ଭୋଟଦାନରେ ସେମାନେ ନିଶ୍ଚିତ ପକ୍ଷେ ନିଜର ମତ ସାବ୍ୟସ୍ତ କରିବା ସହ ଯୋଗ୍ୟ ପ୍ରତିନିଧିଙ୍କୁ ବାଛିବେ ବୋଲି ସମସ୍ତଙ୍କ ଧାରଣା ଥାଏ। ମାତ୍ର ଏହି ପାଠୁଆ ଉଚ୍ଚଶିକ୍ଷିତ ତଥାକଥିତ ବ୍ୟକ୍ତିବିଶେଷମାନେ ଭୋଟଦାନ ଭଳି ମହତ୍ୱପୂର୍ଣ୍ଣ କାର୍ଯ୍ୟକୁ ଅଯଥା ବା ସମୟର ବରବାଦ ଛଡ଼ା ଅନ୍ୟ କିଛି ଭାବୁନାହାନ୍ତି। ଯେଉଁ କାରଣରୁ ମତଦାନ ଅଧିକାର ସାବ୍ୟସ୍ତ କରିବା ସମୟରେ ଏମାନଙ୍କୁ ଦେଖିବାକୁ ମିଳି ନ ଥାଏ। ଫଳରେ ପ୍ରତି ନିର୍ବାଚନରେ ଭୁବନେଶ୍ୱରରେ ମତଦାନ ହାର ସବୁଠାରୁ କମ୍ ରହୁଛି। ମହାନଗର ନିର୍ବାଚନ ହେଉ ଅବା ସାଧାରଣ ନିର୍ବାଚନ ରାଜ୍ୟର ଅନ୍ୟ ଅଞ୍ଚଳ ତୁଳନାରେ ସବୁଥିରେ ପଛରେ ରହୁଛନ୍ତି ରାଜଧାନୀବାସୀ। ଏଠାରେ ମତଦାନ ହାର ୫୦ ପ୍ରତିଶତ ଟପିପାରୁନାହିଁ।

ଦୀର୍ଘ ୭ ବର୍ଷ ପରେ ବିଏମ୍‌ସି ନିର୍ବାଚନ ହୋଇଥିବାରୁ ରାଜଧାନୀବାସୀଙ୍କ ମଧ୍ୟରେ ଉତ୍କଣ୍ଠା ଦେଖାଦେଇଥିଲା। ସହରର ପ୍ରତିନିଧିମାନଙ୍କୁ ବାଛିବା ପାଇଁ ଶିକ୍ଷିତ ତଥା ସଚେତନ ଭୋଟର ଆଗେଇ ଆସିବେ ବୋଲି ଆଶା ଥିଲା। ମାତ୍ର ଏଥର ମଧ ସବୁଥର ଭଳି ନିରାଶ ହେବାକୁ ପଡିଛି। ମାତ୍ର ୪୩.୩୦ ପ୍ରତିଶତ ଭୋଟର ନିଜ ମତଦାନ କରିଛନ୍ତି। ସହରରେ ମୋଟ ୭ଲକ୍ଷ ୨୫ ହଜାର ୭୬୫ ଭୋଟର ରହିଛନ୍ତି। ସେମାନଙ୍କ ମଧ୍ୟରୁ ୩ଲକ୍ଷ ୯୪ହଜାର ୫୧୦ଜଣ ପୁରୁଷ ଥିବାବେଳେ ୩ଲକ୍ଷ ୩୦ହଜାର ୮୧୫ଜଣ ମହିଳା ଏବଂ ୪୪୦ଜଣ ଅନ୍ୟାନ୍ୟ ବର୍ଗର ଭୋଟର ରହିଛନ୍ତି। ତେବେ ମାତ୍ର ୩ଲକ୍ଷ ୧୪ହଜାର ୨୬୮ ଜଣ ଭୋଟର ମତଦାନ ସାବ୍ୟସ୍ତ କରିଛନ୍ତି। ସେମାନଙ୍କ ମଧ୍ୟରେ ୧ଲକ୍ଷ ୭୦ହଜାର ୧୩୭ ପୁରୁଷ ଥିବାବେଳେ ୧ଲକ୍ଷ ୪୪ହଜାର ୭୯ଜଣ ମହିଳା ଏବଂ ୫୨ଜଣ ତୃତୀୟ ଲିଙ୍ଗୀ ରହିଛନ୍ତି। ଏହା କେବଳ ଚଳିତ ବର୍ଷର ଘଟଣା ନୁହେଁ, ୨୦୧୪ ପୌର ନିର୍ବାଚନରେ ଭୁବନେଶ୍ୱରରେ ମତଦାନ ହାର ୪୩.୩୦% ଥିବାବେଳେ ୨୦୦୮ରେ ଏହା ୩୮.୨୯% ଏବଂ ୨୦୦୩ରେ ୪୮.୮% ରହିଥିଲା। ୨୦୧୯ ସାଧାରଣ ନିର୍ବାଚନରେ ମଧ ଭୁବନେଶ୍ୱରରେ ମତଦାନ ହାର ମାତ୍ର ୪୫% ରହିଥିଲା। ସେଥିମଧ୍ୟରୁ ଅଧିକାଂଶ ଭୋଟର ବସ୍ତି ଅଞ୍ଚଳର ଥିଲେ। ରାଜଧାନୀର ବିଭିନ୍ନ ବସ୍ତି ଅଞ୍ଚଳରେ ପ୍ରାୟ ଅଢେଇ ଲକ୍ଷ ଭୋଟର ରହୁଥିବାରୁ ରାଜନେତାମାନେ ସେହି ଅଞ୍ଚଳକୁ ଅଧିକ ଫୋକସ୍ କରୁଛନ୍ତି। ଗୋଟେପଟେ ବସ୍ତି ଭୋଟ୍‌କୁ ହାତେଇବା ପାଇଁ ବିଭିନ୍ନ ସରକାରୀ ଯୋଜନା ପ୍ରଣୟନ କରାଯାଉଛି। ଅନ୍ୟପଟେ ସହରରେ ରହୁଥିବା ବଡ଼ବଡ଼ିଆ ଓ ମଧ୍ୟବିତ୍ତ ଶ୍ରେଣୀର ଲୋକଙ୍କ ପାଇଁ ସରକାରଙ୍କ ପକ୍ଷରୁ ସେପରି କିଛି ଯୋଜନା କରାଯାଉନାହିଁ ବା ଏମାନେ ସରକାରୀ ଯୋଜନା ଉପରେ ନିର୍ଭରଶୀଳ ନୁହନ୍ତି। ତେଣୁ ନିର୍ବାଚନ କିଏ ଜିତିଲା ନ ଜିତିଲା ସେଥିରେ ସେମାନଙ୍କର କୌଣସି ଫରକ ପଡୁନାହିଁ ବୋଲି ଭାବୁଛନ୍ତି। ମତଦାନ ପ୍ରତି ଲୋକଙ୍କ ଆଗ୍ରହ ବଢାଇବା ପାଇଁ ସମ୍ପୃକ୍ତ ଦିନକୁ ସରକାରୀ ଛୁଟି ରୂପେ ଘୋଷଣା କରାଯାଉଛି। ମାତ୍ର ଏହା ସତ୍ତ୍ୱେ ଅଧିକାଂଶ ଲୋକ ଭୋଟ୍ ଦେବାକୁ ନ ଯାଇ ବରଂ ଖାଇପିଇ ଛୁଟି ପାଳନ କରିବାକୁ ପସନ୍ଦ କରୁଛନ୍ତି। ଫଳରେ ଗତ ଦୁଇ ଦଶନ୍ଧି ଧରି ଭୁବନେଶ୍ୱରରେ ମତଦାନ ହାର ରାଜ୍ୟର ଅନ୍ୟ ଅଞ୍ଚଳ ତୁଳନାରେ କମ ରହୁଛି।

# ରେଭେନ୍ସା-ଏନ୍‌ସିସିବିଏମ୍ ମଧ୍ୟରେ ଏମ୍‌ଓୟୁ ସ୍ୱାକ୍ଷରିତ



କଟକ ଅଫିସ, ୨୫।୩

ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ଓ ନ୍ୟାଶନାଲ କାଉନ୍‌ସିଲ ଫର ସିମେଣ୍ଟ ଆଣ୍ଡ ବିଲ୍ଡିଂ ମ୍ୟାଟେରିଆଲ୍ସ (ଏନ୍‌ସିସିବିଏମ୍) ମଧ୍ୟରେ ବୁଝାମଣା ପତ୍ର(ଏମ୍‌ଓୟୁ) ସ୍ୱାକ୍ଷରିତ ହୋଇଛି। ଶୁକ୍ରବାର ପିଜି କାଉନ୍‌ସିଲ ଅଧକ୍ଷାଙ୍କ ସମ୍ମିଳନୀ କକ୍ଷରେ ଏମ୍‌ଓୟୁ ସ୍ୱାକ୍ଷରିତ ବେଳେ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସଞ୍ଜୟ କୁମାର ନାୟକ, ପିଜି କାଉନ୍‌ସିଲ ଅଧକ୍ଷା ପ୍ରଫେସର ଅସୀମା ସାହୁ, କୁଳ ସଚିବ ଡ. ଭକ୍ତଚରଣ ପ୍ରଧାନ, ଏନ୍‌ସିସିବିଏମ୍‌ର ନିର୍ଦ୍ଦେଶକ ଡ. ବି.ଏନ୍. ମହାପାତ୍ର, ପ୍ରଫେସର ସୋମନାଥ ଖାଓସ ପ୍ରମୁଖ ଉପସ୍ଥିତ ଥିଲେ । ବିଶ୍ୱବିଦ୍ୟାଳୟ ରସାୟନ ଓ ଭୂତତ୍ତ୍ୱ ବିଜ୍ଞାନ ବିଭାଗର ଛାତ୍ରୀଛାତ୍ର ଏନ୍‌ସିସିବିଏମ୍‌ରେ ଥିବା ବୈଜ୍ଞାନିକ ଉପକରଣଗୁଡ଼ିକ ବ୍ୟବହାର କରିପାରିବେ। ଏଥିସହ ସେଠାରେ ଗ୍ରୀଷ୍ମକାଳୀନ ଇଣ୍ଟର୍ନଶିପ୍ ମଧ କରିପାରିବେ। ଡ. ସିଦ୍ଧାର୍ଥ ଭରଦ୍ୱାଜ ଧନ୍ୟବାଦ ଦେଇଥିଲେ।

## ସାହିତ୍ୟିକ ଅଚ୍ୟୁତାନନ୍ଦ ପାଇବେ ତପସ୍ୟା ଶାଶ୍ୱତ ପୁରସ୍କାର

ଭୁବନେଶ୍ୱର,୨୫।୩ (ବ୍ୟୁରୋ)

ତପସ୍ୟା ଫାଉଣ୍ଡେଶନ ପକ୍ଷରୁ ୨୦୨୧ବର୍ଷ ପାଇଁ ୩ଜଣଙ୍କୁ ନେଇ ଓଡ଼ିଆ ସାହିତ୍ୟ ପୁରସ୍କାର ଘୋଷଣା କରାଯାଇଛି। ସାହିତ୍ୟିକ ଅଚ୍ୟୁତାନନ୍ଦ ପତିଙ୍କୁ ତପସ୍ୟା ଶାଶ୍ୱତ ପୁରସ୍କାର-୨୦୨୧, ଯୁବ ସାହିତ୍ୟିକ ଡ.ରଞ୍ଜନ ପ୍ରଧାନଙ୍କୁ ତପସ୍ୟା ସୃଜନ ପୁରସ୍କାର ଓ ଯୁବ ଲେଖକ ପରମବୀର ଚକ୍ରଙ୍କୁ ତପସ୍ୟା ସମ୍ଭାବନା ପୁରସ୍କାର ଦିଆଯିବା ନେଇ ଫାଉଣ୍ଡେଶନର ମ୍ୟାନେଜିଂ ଟ୍ରଷ୍ଟି ଡ. ଜୁଲି ମିଶ୍ର କହିଛନ୍ତି। ପୁରସ୍କାର ବାବଦରେ ଯଥାକ୍ରମେ ୫୦ହଜାର, ୩୦ହଜାର ଓ ୨୦ ହଜାର ରାଶି, ମାନପଲକ ଓ ଉପାୟନ ପ୍ରଦାନ କରାଯିବ। ସାହିତ୍ୟିକ ପତିଙ୍କୁ ଜୀବନବ୍ୟାପୀ ସାଧନା ନିମନ୍ତେ, ଡକ୍ଟର ପ୍ରଧାନଙ୍କୁ 'ଗୋନାସିକା ନନ୍ଦିନୀ ବୈତରଣୀ' ଓ 'ବୁଢ଼ାବଳଙ୍ଗର ମାଝୀ' ପୁସ୍ତକ ନିମନ୍ତେ ପୁରସ୍କୃତ କରାଯିବା ବେଳେ ଯୁବକ ଲେଖକ ଚକ୍ରଙ୍କୁ ୩୦ବର୍ଷରୁ କମ୍ ବୟସ ବର୍ଗରେ ପୁରସ୍କୃତ କରାଯିବ। ଏହା ଏପ୍ରିଲରେ ଆୟୋଜନ ହେବ।

# ଘରୋଇ ବସ୍‌ଭଡ଼ା ବେଲଗାମ

## ଭଡ଼ା ତାଲିକା, ଟୋଲ୍ ଫ୍ରି ନମ୍ବରକୁ ଅଣଦେଖା

ପୁରୀ ଅଫିସ,୨୫।୩:

ଡିଜେଲ ଦର ବଢ଼ିବା ପରେ ଘରୋଇ ବସ୍‌ଭଡ଼ାକୁ ନେଇ ଯାତ୍ରୀଙ୍କ ମଧ୍ୟରେ ଅସନ୍ତୋଷ ଦେଖିବାକୁ ମିଳୁଛି। ଯେଉଁଭଳି ପ୍ରାୟ ଦୈନିକ ଡିଜେଲ ଦର ବଢ଼ିଚାଲିଛି, ସେହିଭଳି ଘରୋଇ ବସ୍ ମାଲିକମାନେ ପ୍ରତିଦିନ ମନଇଚ୍ଛା ଭଡ଼ା ବଢାଇଚାଲିଛନ୍ତି। ବସ୍‌ଗୁଡ଼ିକରେ ଧାର୍ଯ୍ୟ ଭଡ଼ାଠାରୁ ଅଧିକ ଆଦାୟ କରାଯାଉଛି। ଏ ନେଇ ଯାତ୍ରୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଥିଲେ ହେଁ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ। ଏପରି କି ଘରୋଇ ବସ୍‌ରେ ଭଡ଼ାତାଲିକା କିମ୍ବା ପରିବହନ କାର୍ଯ୍ୟାଳୟକୁ ଯୋଗାଯୋଗ କରିବା ଲାଗି ଟୋଲ୍ ଫ୍ରି ନମ୍ବର ଉଲ୍ଲେଖ ରହୁନାହିଁ। ଫଳରେ ଯାତ୍ରୀମାନେ ବସ୍‌ଭଡ଼ା ତାଲିକା ସମ୍ପର୍କରେ ଜାଣିପାରୁନାହାନ୍ତି କି ଅଭିଯୋଗ ଲାଗି ଟୋଲ୍ ଫ୍ରି ନମ୍ବରକୁ ଯୋଗାଯୋଗ କରିପାରୁନାହାନ୍ତି। ବସ୍‌କର୍ମଚାରୀ ତାଲିକାରେ ଉଲ୍ଲିଖିତ ଭଡ଼ା ଅର୍ଥଠାରୁ ଅଧିକ ଟଙ୍କା ମାଗୁଥିଲେ ଯାତ୍ରୀମାନେ ଦେବାକୁ ବାଧ ହେଉଛନ୍ତି। ବିଭିନ୍ନ ସ୍ଥାନରୁ ପୁରୀକୁ ଚଳାଚଳ କରୁଥିବା ବସ୍‌ଗୁଡ଼ିକରେ ଏଭଳି ଘଟଣା ଦେଖିବାକୁ ମିଳୁଛି। ଏପରି କି କେତେକ ବସ୍‌ରେ କଣ୍ଡକ୍ଟର ଟିକେଟ ଦେବାକୁ ନାରାଜ। ଟିକେଟ ମାଗିଲେ ଅଧିକ ଭଡ଼ା ଦାବି କରନ୍ତି। ଏଭଳି ଅଭିଯୋଗ ଅଧିକାଂଶ ଦିନ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟରେ ପହଞ୍ଚୁଛି। ଲୋକେ ଏନେଇ ଲିଖିତ ଅଭିଯୋଗ ମଧ କରୁଛନ୍ତି। ମାତ୍ର ସଲାସୁତୁରାରେ ଚାଲିଥିବା ପ୍ରଶାସନ ଏଥିପ୍ରତି ଆଖି ବୁଜି ଦେଇଛି। ଦୈନିକ ପୁରୀରୁ ଭୁବନେଶ୍ୱର ଯାଉଥିବା ଯାତ୍ରୀ ସନ୍ଦୀପ ନାୟକ କହିଛନ୍ତି, ତେଲ ଦର ବଢ଼ିବା ପରେ ବସ ଭଡ଼ା ସ୍ଥିର ରହୁନାହିଁ। ବସ୍‌ରେ ଯାତ୍ରୀଙ୍କ ସଂଖ୍ୟା ଦେଖି ଭଡ଼ା ନିଆଯାଉଛି। ଅଧିକ ଲୋକ ଥିଲେ ଠିକ ଭଡ଼ା ଓ ଲୋକ କମ୍ ଥିଲେ ୨୦ ଟଙ୍କା ପର୍ଯ୍ୟନ୍ତ ଭଡ଼ା ବଢ଼ାଇ ଆଦାୟ କରାଯାଉଛି। ଯାତ୍ରୀମାନଙ୍କୁ ଅଧିକ ଭଡ଼ା ବୋଝରେ କଲବଲ ହେବାକୁ ପଡୁଛି। ବସ୍ କର୍ମଚାରୀଙ୍କୁ ପଚାରିଲେ ତେଲ ଦର ବଢ଼ିଛି ବୋଲି ଯୁକ୍ତି କରୁଛନ୍ତି। ଏଣୁ ଠିକ ଓ ଅପଡେଟେଡ୍ ରେଟ ଚାର୍ଟ ଲଗାଇଲେ ଯାତ୍ରୀଙ୍କ ପାଇଁ ସୁବିଧାଜନକ ହୁଅନ୍ତା। ତେବେ ଏ ନେଇ ପୁରୀ ବସ୍‌ମାଲିକ ସଂଘ ସମ୍ପାଦକ ଲୋକନାଥ ପାଣିଙ୍କୁ ଯୋଗାଯୋଗ କରାଯାଇଥିଲେ ତାଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

ଆଇନଜୀବୀ ଚିନ୍ମୟ ଦାଶ କହିଛନ୍ତି, ଭଡ଼ା ତାଲିକା ନ ଲଗାଇବା ବେଆଇନ କାର୍ଯ୍ୟ। ଡିଜେଲ୍ ଦର ବଢିବା କିମ୍ବା କମିବା ଅନୁଯାୟୀ ଯାତ୍ରୀଭଡ଼ା ପରିବର୍ତ୍ତିତ ହୋଇଥାଏ। ଏଣୁ ବସ୍‌ରେ ଧାର୍ଯ୍ୟ ଦର ଉଲ୍ଲେଖ କରାଯାଇ ଭଡ଼ା ଆଦାୟ କରାଯିବା ଉଚିତ। ମାତ୍ର ଏଭଳି ହେଉନାହିଁ। ଭଡ଼ା ତାଲିକା ଲଗାଇ ନ ଥିବା ବସ୍ ମାଲିକଙ୍କ ବିରୋଧରେ ପରିବହନ କାର୍ଯ୍ୟାଳୟ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେଉ। ଅନ୍ୟପକ୍ଷରେ ଏ ସମ୍ପର୍କରେ ଆଞ୍ଚଳିକ ପରିବହନ ଅଧିକାରୀ (ଆର୍‌ଟିଓ) ସମୀର କୁମାର ଦଳାଇ କହିଛନ୍ତି, ରେଟ୍ ଚାର୍ଟ ଲଗାଇବା ପାଇଁ ବସ୍‌ମାଲିକମାନଙ୍କୁ ବାରମ୍ବାର କୁହାଯାଇଥିଲେ ମଧ କେହି କାର୍ଯ୍ୟକାରୀ କରୁନାହାନ୍ତି। ତେବେ ନିକଟ ଅତୀତରେ ସମସ୍ତ ଘରୋଇ ବସ୍‌ମାଲିକଙ୍କ ସହ ଆଲୋଚନା କରାଯାଇଛି। ସବୁ ବସ୍‌ରେ ଭଡ଼ା ତାଲିକା ଟାଙ୍ଗିବା ବାଧତାମୂଳକ କରିବା ଉପରେ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ଜୋର୍ ଦେଉଛି। ସେହିପରି କିଲୋମିଟର ପିଛା ସାଧାରଣ ବସ୍‌ରେ ୮୭ ପଇସା, ଏକ୍ସପ୍ରେସ ୯୧ ପଇସା, ଡିଲକ୍ସ ୧ ଟଙ୍କା ୨୫ ପଇସା ଓ ବାତାନୁକୂଳିକ ଡିଲକ୍ସ ୧ ଟଙ୍କା ୫୩ ପଇସା ଦେବାର ପ୍ରାବଧାନ ରହିଥିବା ଦଳାଇ ସୂଚନା ଦେଇଛନ୍ତି।

# ରମେଶଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝିଲେ ସମୀର



ରମେଶଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝିବାକୁ ଆସିଥିବା ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତି ଓ ନେତୃବୃନ୍ଦ।

## ନିର୍ବାଚନବେଳେ ବୁଥ୍‌ରେ ଛୁରାମାଡ଼ ଘଟଣା

କଟକ ଅଫିସ,୨୫।୩

ଭଦ୍ରକ ଜିଲା ଧାମନଗର ବିଜ୍ଞାପିତ ଅଞ୍ଚଳ ପରିଷଦ (ଏନ୍‌ଏସି)ଅଧୀନ ୯ନଂ. ୱାର୍ଡ ୧୬ନଂ. ବୁଥ୍‌ରେ ଗୁରୁବାର ଭୋଟ୍ ଗ୍ରହଣ ବେଳେ ସ୍ଥାନୀୟ ମହାନ୍ତିସାହିର ରମେଶ ଚନ୍ଦ୍ର ଲେଙ୍କାଙ୍କୁ ଛୁରାମାଡ଼ ହୋଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ କଟକ ଏସ୍‌ସିବି ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଶୁକ୍ରବାର ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତି ମେଡିକାଲରେ ତାଙ୍କୁ ଭେଟି ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ପଚାରି ବୁଝିଥିଲେ। ଏହି ଅବସରରେ ସେ କହିଛନ୍ତି, କ୍ଷମତାକୁ ଜାବୁଡ଼ି ଧରିବା ପାଇଁ ଶାସକ ଦଳ ରକ୍ତମୁଖା ହୋଇଉଠିଛି। ଏହା ସ୍ୱଚ୍ଛ ଗଣତନ୍ତ୍ର ପାଇଁ ଗ୍ରହଣୀୟ ନୁହେଁ। ବୁଥ୍ ମଧ୍ୟରେ ଜନତାଙ୍କୁ ଆକ୍ରମଣ କରିବା ଆଇନଶୃଙ୍ଖଳା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ତେବେ ଏହି ଘଟଣାକୁ ନିନ୍ଦା କରିବା ସହ ଏ ଦିଗରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ପାଇଁ ସେ ଦାବି କରିଛନ୍ତି।

ସୂଚନାଯୋଗ୍ୟ, ଧାମନଗର ଏନ୍‌ଏସିର ଉକ୍ତ ବୁଥ୍‌ରେ ସେକ୍ ଅସ୍ତାକ ନାମକ ଜଣେ ଯୁବକ ପଶି ପାଟିତୁଣ୍ଡ କରିଥିଲେ। ଏହାକୁ ରମେଶ ବିରୋଧ କରିବାରୁ ଅସ୍ତାକ ତାଙ୍କୁ ଛୁରାମାଡ଼ କରିଥିଲେ। ଏଥିରେ ରମେଶ ଗୁରୁତର ହୋଇଥିଲେ। ଏହାକୁ ନେଇ ଉତ୍ତେଜନା ପ୍ରକାଶ ପାଇଥିବାବେଳେ ଉତ୍ୟକ୍ତ ଲୋକେ ବୁଥ୍‌ରେ ପଶି ଇଭିଏମ୍ ଭଙ୍ଗାରୁଜା କରିବା ସହ ଧାମନଗର ଥାନା ସମ୍ମୁଖରେ ଟାୟାର ଜାଳି ରାସ୍ତା ଅବରୋଧ କରିଥିଲେ। ପରେ ଏହି ଘଟଣାରେ ଆକ୍ରମଣକାରୀ ସେକ୍ ଅସ୍ତାକଙ୍କୁ ଗିରଫ କରାଯାଇଛି।

# ସର୍ବଭାରତୀୟ ଧର୍ମଘଟ ସଫଳ ପାଇଁ ବାଇକ୍ ଶୋଭାଯାତ୍ରା

କଟକ ଅଫିସ, ୨୫।୩

କେନ୍ଦ୍ର ସରକାରଙ୍କ ବିଭିନ୍ନ ଜନବିରାଧୀ ନୀତି ବିରୋଧରେ କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନ ଓ କର୍ମଚାରୀ ଫେଡେରେଶନ ସମୂହ ପକ୍ଷରୁ ଆସନ୍ତା ୨୮ ଓ ୨୯ ତାରିଖ ଦୁଇଦିନିଆ ସାଧାରଣ ଧର୍ମଘଟ ଆହ୍ୱାନ ଦିଆଯାଇଛି । ଏହି ଧର୍ମଘଟକୁ ସଫଳ କରିବା ପାଇଁ ଏଆଇଟିୟୁସି, ସିଆଇଟିୟୁ, ଏଚ୍‌ଏମ୍‌ଏସ୍, ଏନ୍‌ଏଫ୍‌ଟିୟୁ, ବ୍ୟାଙ୍କ, ବୀମା, କେନ୍ଦ୍ର ଓ ରାଜ୍ୟ ସରକାରୀ କର୍ମଚାରୀ ଫେଡେରେଶନ ପକ୍ଷରୁ ଶୁକ୍ରବାର ସହରରେ ବାଇକ୍ ଶୋଭାଯାତ୍ରା କରାଯାଇଥିଲା।

ବିଭିନ୍ନ ସଙ୍ଗଠନର କର୍ମୀମାନେ ଅରୁଣୋଦୟ ମାର୍କେଟ୍‌ଠାରୁ ବାଇକ୍ ଶୋଭାଯାତ୍ରାରେ ବାହାରି ଓଏମ୍‌ପି, କଲେଜ ଛକ, ରାଣୀହାଟ ଦେଇ ବାଦାମବାଡ଼ିଠାରେ ପହଞ୍ଚିଥିଲେ। ସେଠାରେ ଅନୁଷ୍ଠିତ ସମାବେଶରେ ଏଆଇଟିୟୁସି ସମ୍ପାଦକ କିଶୋର ଜେନା ଯୋଗଦେଇ ସର୍ବଭାରତୀୟ ଧର୍ମଘଟକୁ ସଫଳ କରିବାକୁ ନିବେଦନ କରିଥିଲେ।

ଏଥିସହ ଶ୍ରମିକ ବିରୋଧୀ ଶ୍ରମକୋଡ୍ ବାତିଲ, କୃଷକମାନଙ୍କ ଦାବି ପୂରଣ, ଦେଶର ରାଷ୍ଟ୍ରାୟତ୍ତ ସମ୍ପତ୍ତି ବିକ୍ରି ବନ୍ଦ, ସମସ୍ତଙ୍କୁ ପେନ୍‌ସନ୍ ଓ ସାମାଜିକ ସୁରକ୍ଷା ପ୍ରଦାନ ଭଳି ୧୨ ଦଫା ଦାବି ନେଇ ଏହି ଧର୍ମଘଟ କରାଯାଉଛି ବୋଲି ଜେନା କହିଥିଲେ। ଏହି ଶୋଭାଯାତ୍ରାରେ ରବି ନାରାୟଣ ମଲ୍ଲିକ, ସୁଶାନ୍ତ ସାମଲ, ବିଜୟ ପତି, ପ୍ରଦୀପ ସିହ୍ନା, ଅଭୟ ସ୍ୱାଇଁ, ଅମରେନ୍ଦୁ ମହାନ୍ତି, ଭଞ୍ଜକିଶୋର ସ୍ୱାଇଁ, ବିନୋଦ ବେହେରା, ରବୀନ୍ଦ୍ର ଧଳ, ନିର୍ମଳ ଦାସ, ବିଶୁଦ୍ଧ ଚକ୍ର ଦାସ ପ୍ରମୁଖ ଉପସ୍ଥିତ ଥିଲେ।



ହୋଲି ପରେ ମାରୱାଡି ମହିଳାଙ୍କ ଦ୍ୱାରା ହେବାକୁ ଥିବା ପାରମ୍ପରିକ ଗଣଗୌର ପୂଜା ପାଇଁ କଟକ ନୟାସଡ଼କ ଅଞ୍ଚଳର ଏକ ଦୋକାନରୁ ଗ୍ରାହକ ଗଣଗୌର ମୂର୍ତ୍ତି କିଣୁଛନ୍ତି।



କଟକସ୍ଥିତ ଭୁବନାନନ୍ଦ ଓଡ଼ିଶା ଯାନ୍ତ୍ରିକ ବିଦ୍ୟାଳୟ ପରିସରରେ ଇଭିଏମ୍ ରଖାଯାଇଥିବା ଷ୍ଟ୍ରଙ୍ଗରୁମ୍‌କୁ ଶୁକ୍ରବାର ପୋଲିସ ଜଗିରହିଛି।

# ଆଜି ଖୋଲିବ ଇଭିଏମ୍, ଆଶଙ୍କାରେ ପ୍ରାର୍ଥୀ

ଭୁବନେଶ୍ୱର,୨୫।୩ (ବ୍ୟୁରୋ)



- ସକାଳ ୮ଟାରୁ ଭୋଟ ଗଣତି
- ୪ ହଲ୍, ୪୮ ଟେବୁଲରେ ହେବ ଗଣତି

ଭୁବନେଶ୍ୱର ମହାନଗର ନିର୍ବାଚନ ସରିଛି। ନିଜ ମନ ପସନ୍ଦର ନେତା ବାଛିଛନ୍ତି ରାଜଧାନୀବାସୀ। ଅପେକ୍ଷା କେବଳ ଫଳାଫଳକୁ। ଲୋକଙ୍କ ବିଶ୍ୱାସ ଜିତିବାରେ କିଏ ସଫଳ ହୋଇଛନ୍ତି ତାହା ଶନିବାର ଜଣାପଡିବ। ଏପଟେ ଫଳାଫଳ ନ ବାହାରିବା ପର୍ଯ୍ୟନ୍ତ ଆଶା ଓ ଆଶଙ୍କାର ଦୋ' ଛକିରେ ରହିଛନ୍ତି ସମସ୍ତ ପ୍ରାର୍ଥୀ। ଭୋଟ ଗ୍ରହଣ ପରେ ବିଏମ୍‌ସିର ୬୭ଟି ୱାର୍ଡ ପାଇଁ ୨୮୯ଜଣ କର୍ପୋରେଟର ଓ ୧୨ଜଣ ମେୟର ପ୍ରାର୍ଥୀଙ୍କ ଭାଗ୍ୟ ଇଭିଏମ୍‌ରେ ସିଲ୍ ହୋଇଛି। ପୂର୍ବ ନିର୍ଦ୍ଧାରିତ ସମୟ ଅନୁଯାୟୀ ଶନିବାର ସକାଳ ୮ଟାରୁ ଭୋଟ ଗଣତି ଆରମ୍ଭ ହେବ। ବିଜେବି କଲେଜ ଷ୍ଟ୍ରଙ୍ଗ୍‌ରୁମରେ ୪ଟି ହଲ୍‌ରେ କର୍ପୋରେଟର ଏବଂ ମେୟରଙ୍କ ପାଇଁ ୨୪ଟି ଲେଖାଏ ଟେବୁଲରେ ଗଣତି କରାଯିବ। ୱାର୍ଡ ୱାଇଜ୍ ଭୋଟ ଗଣତି କରି ଫଳାଫଳ ଘୋଷଣା କରାଯିବ। ଏଥିପାଇଁ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଛି। ନିୟମିତ ବ୍ୟବଧାନରେ ଭୋଟ ଗଣତି ସମ୍ପର୍କିତ ଟିକିନିଖି ସୂଚନା ଗଣମାଧ୍ୟମ ପ୍ରତିନିଧିଙ୍କୁ ଦେବାପାଇଁ ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ, କର୍ପୋରେଟର ଓ ମେୟର ପଦବୀ ପାଇଁ ଦୁଇଟି ପୃଥକ ଏଲ୍‌ଇଡି ବା ପ୍ରୋଜେକ୍ଟର ବ୍ୟବସ୍ଥା କରାଯାଇଥିବା ବିଏମ୍‌ସି ନିର୍ବାଚନ ଅଧିକାରୀ ପ୍ରଫୁଲ୍ଲ କୁମାର ସ୍ୱାଇଁ ସୂଚନା ଦେଇଛନ୍ତି।

ଅପରପକ୍ଷେ କର୍ପୋରେଟର ପଦ ପାଇଁ ୩ ପ୍ରମୁଖ ଦଳର ପ୍ରାର୍ଥୀଙ୍କ ବ୍ୟତୀତ ଅନେକ ଆଶାୟୀ ସ୍ୱାଧୀନ ଭାବେ ନିର୍ବାଚନ ଲଢିଛନ୍ତି। ଦଳୀୟ ଟିକେଟ ନ ପାଇ ଏକାଧିକ ବିଜେଡି ଅସନ୍ତୁଷ୍ଟ ପ୍ରାର୍ଥୀ ସ୍ୱାଧୀନ ଭାବେ ମଇଦାନକୁ ଓହ୍ଲାଇଛନ୍ତି। ନିଜ ନିଜ ଭିତରେ ଲଢେଇ ଚାଲିଥିବାବେଳେ ଲୋକେ ଦଳକୁ ଦେଖି ଭୋଟ ଦେଇଛନ୍ତି କି ପ୍ରାର୍ଥୀଙ୍କୁ ଦେଖି ଦେଇଛନ୍ତି ତାହା ଗଣତିରେ ଜଣାପଡିବ। ବିଶେଷକରି ବିଜେଡି, ଭାଜପା ମଧ୍ୟରେ ଟକ୍କର ହେଉଥିବାବେଳେ କେତେକ ୱାର୍ଡରେ ଦଳୀୟ ପ୍ରାର୍ଥୀଙ୍କ ଉପରେ ସ୍ୱାଧୀନ ପ୍ରାର୍ଥୀ ଭାରି ପଡିବେ ବୋଲି ଚର୍ଚ୍ଚା ହେଉଛି। ଅପରପକ୍ଷେ ପ୍ରଥମ କରି ଜନସାଧାରଣ ସିଧାସଳଖ ଭୋଟ ଦେଇ ମେୟର ପ୍ରାର୍ଥୀଙ୍କୁ ବାଛିଛନ୍ତି। ୩ ପ୍ରମୁଖ ଦଳର ପ୍ରାର୍ଥୀଙ୍କୁ ମିଶାଇ ମୋଟ୍ ୧୨ଜଣ ପ୍ରାର୍ଥୀ ଏହି ପଦ ପାଇଁ ପ୍ରତିଯୋଗିତା କରୁଛନ୍ତି। ତେଣୁ କେଉଁ ପ୍ରାର୍ଥୀଙ୍କୁ ଭୋଟରମାନେ ମେୟର ପଦବୀରେ ଦେଖିବାକୁ ଚାହୁଛନ୍ତି ଏବଂ ଅନ୍ୟ ପ୍ରତିଦ୍ୱନ୍ଦ୍ୱୀଙ୍କଠାରୁ ସେ କେତେ ସଂଖ୍ୟାରେ ଜିତିବେ ତାହା ଶନିବାର ନିର୍ଦ୍ଧାରଣ ହେବ।